## ରାଉରକେଲା ବିଜେପିରେ ବିଦ୍ରୋହ ଜାରି

# ହଟିଲେ ୩ ମଣ୍ଡଳ ସଭାପତି: ନୀହାରଙ୍କୁ ଝଟ୍କା

**ରାଉରକେଲା, ୨୦।୪(ସମିସ):** ଶନିବାର ବିଜେପିର ବରିଷ୍ଠ ନେତା ତଥା ବିଦ୍ରୋହୀ ନୀହାର ରାୟଙ୍କ ଅତି ନିକଟତମ ତିନି ଅନୁଗତ ତଥା ମଣ୍ଡଳ ସଭାପତିଙ୍କୁ ତାଙ୍କ ପଦରୁ ବହିଷ୍କାର କରାଯାଇଛି। ଏନେଇ ରାଉରକେଲା ରାଜନୀତି ସରଗରମ ହୋଇଉଠିଛି। ପାନପୋଷ ସାଂଗଠନିକ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଦସ୍ତଖତରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବହିଷ୍କୃତ ନୀହାରଙ୍କ ଅନୁଗତ ହେଲେ ରଘୁନାଥପାଲୀ ପଶ୍ଚିମ ମଣ୍ଡଳ ସଭାପତି ବସନ୍ତ ସାମଲ, ବାସନ୍ତୀ କଲୋନୀ ମଣ୍ଡଳ ସଭାପତି ଟୁବୁ ଗୋସ୍ୱାମୀ ଓ ମିଡ୍ ଟାଉନ୍ ମଣ୍ଡଳ ସଭାପତି ବିନ୍ଦର ସିଂହ। ଏମାନଙ୍କୁ ତାଙ୍କ ପଦରୁ ବିଚ୍ୟୁତ କରାଯାଇ ତାଙ୍କ ସ୍ଥାନରେ ନୂତନ ନାମ ଘୋଷଣା କରାଯାଇଛି। ରଘୁନାଥପାଲ୍ଲୀ ପଶ୍ଚିମ ମଣ୍ଡଳ ସଭାପତି ଭାବେ ସନ୍ତୋଷ ବିରାଟ, ରାଉରକେଲା ବାସନ୍ତୀ ମଣ୍ଡଳ ସଭାପତି ଭାବେ ସମର ତନ୍ତୀ ଓ ମିଡ୍ ଟାଉନ ସଭାପତି ଭାବେ କେଦାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ନୂତନ ମଣ୍ଡଳ ସଭାପତିମାନେ ପ୍ରାର୍ଥୀ ଦିଲୀପ ରାୟଙ୍କ ସମର୍ଥକ ବୋଲି ଜଣାପଡ଼ିଛି। ଅପରପକ୍ଷେ, କିଛି ଦିନ ପୂର୍ବେ ମଣ୍ଡଳ ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିବାରୁ ନୀହାର ରାୟଙ୍କ ସମର୍ଥକଙ୍କ ପ୍ରତି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ ଦିଲୀପ ରାୟଙ୍କ ନାମ ବିଜେପି ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଦଳରୁ ଟିକଟ ଆଶାୟୀ ଥିବା ନୀହାର ରାୟ ଏବଂ ତାଙ୍କ ସମର୍ଥକମାନେ ଏହାକୁ ବିରୋଧ କରି ଶକ୍ତି ପ୍ରଦର୍ଶନ କରିବା ସହ ପୁନଃ ନିଷ୍ପତ୍ତି ପାଇଁ ଦାବି କରିଛନ୍ତି। ପରବର୍ତ୍ତୀ ସମୟରେ ଦିଲୀପ, ଜୁଏଲ ଓରାମ ଓ ଅନ୍ୟ ନେତାମାନେ ବାରମ୍ବାର ନିହାରଙ୍କୁ ବୁଝାସୁଝା କରିଥିଲେ ହେଁ ବିଫଳ ହୋଇଥିଲେ। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି ଦଳରେ ସେତେ କନ୍ଦଳ ସୃଷ୍ଟି ହେଉଛି। ଆଜିର ନିଷ୍ପତ୍ତି ପରେ ନିହାର ରାୟଙ୍କ ପଦକ୍ଷେପ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦଳର ଏହି ଅନ୍ତଃ କନ୍ଦଳ ଆଗାମୀ ନିର୍ବାଚନରେ ଦଳକୁ କେଉଁଆଡ଼କୁ ନେଉଛି ତାହା ଦେଖିବାକୁ ବାକି ରହିଲା।

■ ପ୍ରଫୁଲ୍ଲଙ୍କ ପରେ କଂଗ୍ରେସରୁ ସଞ୍ଜୟଙ୍କ ଇସ୍ତଫା

## ଦୁର୍ବଳ ହେଉଛି ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ

**ସୁନ୍ଦରଗଡ଼, ୨୦।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜୟ ସାହୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ନେଇ ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀଙ୍କୁ ପତ୍ର ଲେଖିଛନ୍ତି। ସଞ୍ଜୟ ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିଲେ। ୨୦୦୩ରୁ ୨୦୦୭ ପର୍ଯ୍ୟନ୍ତ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଏବଂ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ଥିଲେ। କିଛି ଦିନ ତଳେ କଂଗ୍ରେସର ଟାଣୁଆ ନେତା ପ୍ରଫୁଲ୍ଲ ସୁନ୍ୟାନୀ ମଧ୍ୟ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ଜଣକ ପରେ ଜଣେ କଂଗ୍ରେସ ନେତା ଦଳ ଛାଡୁଥିବାରୁ ଏଠାରେ କଂଗ୍ରେସ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। କିଛି ମାସ ତଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତଯୋଡ଼ୋ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଗସ୍ତ କରିବା ପରେ ଦଳ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ସମ୍ପ୍ରତି ଏହାର ବ୍ୟତିକ୍ରମ ଘଟିଛି।

● ଆଜି ବି ମରଣଯନ୍ତା ହୋଇ ରହିଛି ଏନ୍ଏଚ୍-୫୫

## ଭୋଟ ପାଇଁ ଲୋକଙ୍କୁ ଭୁଆଁ ବୁଲାଇବା ବନ୍ଦ କରନ୍ତୁ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୦।୪(ସମିସ):** ଓଡ଼ିଶାର ନିର୍ବାଚନୀ ଋତୁରେ କଟକ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ ରାଜନୈତିକ ପାଣିପାଗକୁ ବେଶ୍ ଉଷ୍ମ କରି ରଖିଛି। ଏହି ପ୍ରସଙ୍ଗକୁ ନେଇ ବିଜେଡି ବାରମ୍ବାର ବିଜେପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିଶାଣ କରୁଥିବା ବେଳେ ଲୋକଙ୍କୁ ବାରମ୍ବାର ମିଛ କହିବା ବନ୍ଦ କରନ୍ତୁ



ବୋଲି ମଧ୍ୟ ଆହ୍ୱାନ ଜଣାଇ ଆସୁଛି। ଆଜି ବିଜେଡି ମୁଖପାତ୍ର ଇପ୍ସିତା ସାହୁ ଟ୍ୱିଟ୍ କରି ଶ୍ରୀ ପ୍ରଧାନଙ୍କୁ ଘେରିଛନ୍ତି। ୫୫-ନଂ ଜାତୀୟ ରାଜପଥର ଦୁରବସ୍ଥା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ କିପରି କାଳ ସାଜିଛି ତାହାର ଉଦାହରଣ ରଖିଛନ୍ତି। ଶ୍ରୀମତୀ ସାହୁ କହିଛନ୍ତି, ବର୍ଷବର୍ଷ ଧରି କଟକ-ସମ୍ବଲପୁର ଜାତୀୟ ରାଜପଥର କାମ ଶେଷ ହୋଇପାରୁନାହିଁ। କେନ୍ଦ୍ରରେ ଦୀର୍ଘ ଦିନ ଧରି ମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ଚାହିଁଥିଲେ ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର ଏହି ଜୀବନରେଖାର ସ୍ଥିତି ସୁଧାରିବା ପାଇଁ ପଦକ୍ଷେପ ନେଇପାରିଥାନ୍ତେ। କିନ୍ତୁ ଶ୍ରୀ ପ୍ରଧାନ ନିଜ ଦାୟିତ୍ୱ ସମ୍ପାଦନ କଲେ ନାହିଁ। ବରଂ ନିଜ ଅପାରଗତାକୁ ଲୁଚାଇାକୁ ଯାଇ ବାରମ୍ବାର ମିଥ୍ୟା କହି ଚାଲିଛନ୍ତି।

ଶ୍ରୀମତୀ ସାହୁ ଆହୁରି କହିଛନ୍ତି, ଆଜିର ବାସ୍ତବତା ୫୫-ନଂ ଜାତୀୟ ରାଜପଥକୁ ଦେଖିଦେଲେ ସ୍ପଷ୍ଟ ହୋଇଯାଉଛି। ଧୂଳି ଧୂସରିତ ରାସ୍ତାରେ ପଡ଼ି କେତେବେଳେ ଯେ ପ୍ରାଣ ଚାଲିଯିବ। ଶହଶହ ଲୋକ ଅକାଳରେ ମୃତ୍ୟୁବରଣ କରିଛନ୍ତି ଆଉ କାହିଁ କେତେ ପରିବାର ଉଜୁଡ଼ି ଯାଉଛି। ହେଲେ ଭୋଟ ରାଜନୀତି କରୁଥିବା କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଏହାର କିଛି ପ୍ରଭାବ ପଡୁଥିବା ହୃଦ୍‌ବୋଧ ହେଉନାହିଁ। ବରଂ ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ନିଜ ଅପାରଗତା ଲୁଚାଇବାକୁ ଯାଇ ସମ୍ବଲପୁରବାସୀଙ୍କୁ ମିଛ କହି ଚାଲିଛନ୍ତି। ହେଲେ ପଶ୍ଚିମ ଓଡ଼ିଶାର ଲୋକେ ସତ କ'ଣ ଜାଣିଛନ୍ତି ଏବଂ ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

■ ଗ୍ୟାଙ୍ଗଷ୍ଟର୍ ଭ୍ରାତା ଧଳସାମନ୍ତ ବାପାଙ୍କ ପରଲୋକ

## କଡ଼ା ସୁରକ୍ଷା ବଳୟରେ ଜେଲ୍‌ରୁ କଟକ ଆସୁଛନ୍ତି ଡି' ବ୍ରଦର୍ସ

**କଟକ, ୨୦।୪(ସମିସ):** ଗ୍ୟାଙ୍ଗଷ୍ଟର୍ ସୁଶାନ୍ତ ଓ ସୁଶୀଲର ପିତା ସରୋଜ ଧଳସାମନ୍ତଙ୍କ ଆଜି ପରଲୋକ ଘଟିଛି। ସରୋଜ ପୁଲିସର ବେତାର ବିଭାଗରେ ଏଏସଆଇ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ୨ ପୁଅ ଗିରଫ ହେବା ଦିନଠାରୁ ସେ ମର୍କତନଗର ସେକ୍ଟର-୬ସ୍ଥିତ ବାସଭବନରେ ଏକୁଟିଆ ରହୁଥିଲେ। ତେବେ ସରୋଜ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୩ ଦିନ ତଳେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ସମ୍ପର୍କୀୟ ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନଥିଲା। ଆଜି ସକାଳେ ଡାକ୍ତର ତାଙ୍କର ରକ୍ତ ନମୁନା ସଂଗ୍ରହ କରିବା ଲାଗି ଘରକୁ ଆସିଥିଲେ। ଏତିକିବେଳେ ଜଣାପଡ଼ିଥିଲା ଯେ ସରୋଜଙ୍କ ମୃତ୍ୟୁ ଘଟିସାରିଛି। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ବଲାଙ୍ଗିର ଜେଲରୁ ବଡ଼ପୁଅ ସୁଶାନ୍ତ ଓ ବାଲେଶ୍ୱର ଜେଲରୁ ସାନ ପୁଅ ସୁଶୀଲକୁ କଡ଼ା ସୁରକ୍ଷାବଳୟରେ କଟକ ଅଣାଯାଉଛି। ବାପା ସରୋଜଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଉଭୟ ଯୋଗଦେବେ। ରବିବାର ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏହି ସମୟରେ କଟକ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ଫୋର୍ସ ସହ ଅଫିସର ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଛି।

## କନିଷ୍ଠ ରାଜସ୍ୱ ସହାୟକ ଚାକିରିରୁ ବିଦା

**ଭୁବନେଶ୍ୱର, ୨୦।୪(ସମିସ):** ଲାଞ୍ଚ ମାମଲାରେ ଅନୁଗୁଳ, ଜିଲ୍ଲାପାଳ ଅଫିସ୍‌ରେ କନିଷ୍ଠ ରାଜସ୍ୱ ସହାୟକ ପଙ୍କଜିନି ବିଶ୍ୱାଳଙ୍କୁ ସରକାରୀ ଚାକିରିରୁ ବିଦା କରାଯାଇଛି। ତାଙ୍କୁ ବିଦା କରିବା ପାଇଁ ଭିଜିଲାନ୍ସ କମ୍ପିଟାଣ୍ଟ ଅଥରଟିଙ୍କ ନିକଟକୁ ଚିଠି ପଠାଇଥିଲେ। ଏହି ଚିଠି ଆଧାରରେ ତାଙ୍କୁ ବିଦା କରାଯାଇଛି। ଗତ ୨୦୨୩ ମେ ୧୨ତାରିଖରେ ଅନୁଗୁଳ ସ୍ପେଶାଲ ଭିଜିଲାନ୍ସ କୋର୍ଟ ୩ବର୍ଷ ଜେଲ୍ ଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଶୁଣାଇଥିଲେ। ୨୦୧୭ ମସିହା ଫେବୃୟାରୀ ୬ରେ ପଙ୍କଜିନି ଜଣେ ବ୍ୟକ୍ତିଙ୍କ ଠାରୁ ଲାଞ୍ଚ ମାମଲାରେ ଭିଜିଲାନ୍ସ ଗିରଫ କରାଯାଇଥିଲା। ଦୁଇଟି ଜମିର କିଶମ ପରିବର୍ତ୍ତନର ପଟ୍ଟା ଏବଂ ଫାଇଲ୍ ପକ୍ରିୟାକରଣ ପାଇଁ ଲାଞ୍ଚ ମାଗିଥିଲେ। ଲାଞ୍ଚ ଟଙ୍କା ନଦେଲେ ଫାଇଲ ଆଗକୁ ବଢ଼ିପାରିବ ନାହିଁ ବୋଲି କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ସରୋଜିନୀଙ୍କୁ ଲାଞ୍ଚ ଟଙ୍କା ସହ ଗିରଫ କରାଯାଇଥିଲା।

**ଭିଜିଲାନ୍ସ କୋର୍ଟ ୩ବର୍ଷ ଜେଲ୍ ଦଣ୍ଡ ଶୁଣାଇଥିଲେ**

**ବିଦ୍ୟୁତ ବିଭ୍ରାଟକୁ ନେଇ ବୈଠକ**

## 'ଏକ୍ସ'ରେ ପ୍ରତିଶ୍ରୁତି ଦେଲା ଟାଟା ପାୱାର୍

**ଭୁବନେଶ୍ୱର, ୨୦।୪(ସମିସ):** ରାଜ୍ୟରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବିଦ୍ୟୁତ ବିଭ୍ରାଟ ଅଭିଯୋଗକୁ ନେଇ ଏସ୍ଆରସି ମୁହଁ ଖୋଲିବା ପରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସମେତ ସମସ୍ତ ଡିସକମ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମ ଲହାରୀରେ ହେଉଥିବା ବିଦ୍ୟୁତ ସରବରାହ ସମ୍ପର୍କରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ ଡିସକମଗୁଡ଼ିକ ବିଦ୍ୟୁତ ସରବରାହକୁ ବଢ଼ାଇବା ସହ କାଳବୈଶାଖୀ ଏବଂ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଏହାସହ ରାଜ୍ୟରେ ଚଳିତବର୍ଷ ସ୍ଥିତି ଉନ୍ନତ ରହିବ ବୋଲି ଶ୍ରୀ ଜେନା ସାମାଜିକ ଗଣମାଧମ 'ଏକ୍ସ'ରେ ଆଶା ବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଟିପିସିଓଡିଏଲ୍(ଟାଟା ପାୱାର) ମଧ୍ୟ ସାମାଜିକ ଗଣମାଧମ ଏକ୍ସରେ ନିଜର ପ୍ରତିକ୍ରିୟା ରଖି କହିଛି, ଗ୍ରୀଷ୍ମଲହର ସମୟରେ

**ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ଉଦ୍ୟମ ଚାଲିଛି**

ବିଦ୍ୟୁତର ଅବଶ୍ୟକତା ବଢ଼ିଯାଇଛି। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ଆମେ ସମସ୍ତ ପ୍ରକାର ଉଦ୍ୟମ କରୁଛୁ। ଚଳିତ ବର୍ଷ ଅତିରିକ୍ତ ୩୩/୧୧ କେଭି ପାୱାର ଟ୍ରାନ୍ସଫର୍ମର, ବଣ୍ଟନ ଟ୍ରାନ୍ସଫର୍ମର, ୩୩ କେଭି, ୧୧ କେଭି ଫିଡର ଏବଂ ଏଲଟି ଫିଡରଗୁଡ଼ିକ ୨୨୬ ଏମ୍‌ଭିଏ ନେଟୱାର୍କର କ୍ଷମତାକୁ ପ୍ରଭାବଶାଳୀ ଭାବରେ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ସମୁଦାୟ ନେଟୱାର୍କ କ୍ଷମତାକୁ ୫୦୯୭ ଏମ୍‌ଭିଏକୁ ବୃଦ୍ଧି ପାଇଛି। ଗ୍ରାହକୁ ଉତ୍ତମ ସେବା ଯୋଗାଇଦେବାକୁ ଆମର ଉତ୍ସର୍ଗୀକୃତ କର୍ମଚାରୀ, କ୍ଷେତ୍ରର ଲାଇନ୍‌ମ୍ୟାନ୍ ୨୪ଘଣ୍ଟିଆ କାର୍ଯ୍ୟ କରୁଛନ୍ତି। କୌଣସି ସ୍ଥାନରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ୨୪ ଘଣ୍ଟିଆ ହେଲ୍ପଲାଇନ ନମ୍ବର ୧୯୧୨କୁ ଯୋଗାଯୋଗ କରାଯାଉ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜଧାନୀରେ ବିଭିନ୍ନ ସ୍ଥାନରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଛି ବୋଲି ବହୁ ଅଭିଯୋଗ ହେଉଥିଲା। ଏହାକୁ ଗୁରୁତ୍ୱର ସହ ନେଇ ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆରସି) ଟିପିସିଓଡିଏଲ୍‌କୁ ତାଗିଦ କରିବା ସହ ମାମଲାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୟୁଜିସିର ସଦସ୍ୟ ହେଲେ ସଚ୍ଚିଦାନନ୍ଦ ମହାନ୍ତି




**ଭୁବନେଶ୍ୱର,୨୦।୪(ସମିସ):** କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଉପଦେଷ୍ଟା ଡଃ ସଚ୍ଚିଦାନନ୍ଦ ମହାନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଡଃ ମହାନ୍ତି କହିଛନ୍ତି, ଶିକ୍ଷା ସଂସ୍କୃତିର ବିକାଶକୁ ପ୍ରାଥମିକତା ଦେବେ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରଖି ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ପ୍ରୟାସ କରିବେ। ଗବେଷଣାକୁ ପ୍ରାଥମିକତା ଦେଇ ସରକାରଙ୍କ ସମସ୍ତ ସୁବିଧା ସୁଯୋଗକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇ ରାଜ୍ୟ ପାଇଁ ଏହା ଏକ ଗୌରବର ବିଷୟ ବୋଲି କହିଛନ୍ତି। ଅଧକ୍ଷା ଡଃ ଶର୍ମିଳା ସୁବ୍ରମଣ୍ୟମ୍ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଶିକ୍ଷଣ ଓ ନିଯୁକ୍ତି ବିଭାଗର ମୁଖ୍ୟ ପ୍ରଫେସର ଜିନାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଠକିବାକୁ ସାଇବର୍ ଠକଙ୍କ ନୂଆ ତରିକା

## ମୋବାଇଲ୍‌କୁ ଆସୁଛି ନକଲି ଇ-ଚାଲାଣ

**ଭୁବନେଶ୍ୱର, ୨୦।୪ (ସମିସ):** ଲୋକଙ୍କୁ ଠକିବାକୁ ନୂଆ ଯୋଜନା କରିଛନ୍ତି ସାଇବର୍ ଠକ। ଇ-ଚାଲାଣ ପୈଠ ପାଇଁ ଏକ ନକଲି ୱେବ୍‌ସାଇଟ୍ ଖୋଲି ଲୋକଙ୍କୁ ଚୂନ ମାରୁଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଏ ସଂପର୍କରେ ବିଭାଗ ପକ୍ଷରୁ ସାମାଜିକ ଗଣମାଧମ 'ଏକ୍ସ'ରେ ସୂଚନା ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଇଛି। ସୂଚନାନୁଯାୟୀ, ଠକ ଏବେ ଲୋକଙ୍କ ମୋବାଇଲ୍‌କୁ ମେସେଜ୍ କରୁଛନ୍ତି। ସେଥିରେ ଦର୍ଶାଯାଉଛି ଯେ ଆପଣଙ୍କ ଗାଡ଼ି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବାରୁ ୫୦୦ ଟଙ୍କାର ଚାଲାଣ କଟା ଯାଇଛି। ଅନଲାଇନ ମାଧ୍ୟମରେ ଚାଲାଣ ପୈଠ କରିବା ପାଇଁ http://echallanparivahan.in/ ଲିଙ୍କରେ କ୍ଲିକ କରନ୍ତୁ, ନଚେତ ଆରଟିଓ ଅଫିସ ସହିତ ଯୋଗାଯୋଗ କରନ୍ତୁ। ତେବେ ଯେଉଁମାନେ ଆଗପଛ ବିଚାର ନ କରି ଏହି ଲିଙ୍କ୍ ଖୋଲୁଛନ୍ତି, ସେମାନେ ଠକେଇର ଶିକାର ହେଉଛନ୍ତି। ପରିବହନ ବିଭାଗର ୱେବ୍‌ସାଇଟ୍ ଭଳି ଅବିକଳ ଦେଖାଯାଉଥିବାରୁ ସାଧାରଣ ଲୋକେ ସାଇବର୍ ଠକଙ୍କ କରାମତିକୁ ସହଜରେ ଠଉରାଇ ପାରୁନାହାନ୍ତି। ଟ୍ରାଫିକ ଇ-ଚାଲାଣକୁ ନେଇ ଏଭଳି ନୂଆ ଠକେଇ ସାମ୍ନାକୁ ଆସିବା ପରେ ଏଥିରେ ରୋକ୍ ଲଗାଇବା ପାଇଁ ଜନସାଧାରଣ ସତର୍କ ରହିବାକୁ ପରିବହନ ବିଭାଗ ସଚେତନ କରିଛି। କୌଣସି ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ତାହାକୁ ଠିକ୍ ଭାବେ ପରଖିବାକୁ କୁହାଯାଇଛି। ସାଇବର ଠକ ପଠାଉଥିବା http://echallanparivahan.in/ ଲିଙ୍କଟି ବିଭାଗର ନୁହଁ ବୋଲି ବିଭାଗ ସ୍ପଷ୍ଟ କରିଛି। ବିଭାଗର ୱେବ୍‌ସାଇଟ୍ ଲିଙ୍କ୍ http://echallan.parivahan.gov.in/ ବୋଲି 'ଏକ୍ସ'ରେ ସୂଚନା ଦିଆଯାଇଛି।

● ସତର୍କ କରାଇଲା ପରିବହନ ବିଭାଗ
● ଟଙ୍କା ପୈଠ କରିବା ପୂର୍ବରୁ ଲିଙ୍କ୍ ଯାଞ୍ଚ କରିବାକୁ ଅନୁରୋଧ




## ସୋଆ-ବାଟୋଇ ସିଷ୍ଟମ୍ସ ବୁଝାମଣା



**ଭୁବନେଶ୍ୱର, ୨୦।୪(ସମିସ):** ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗିତା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଓ ଭୁବନେଶ୍ୱରସ୍ଥିତ ବାଟୋଇ ସିଷ୍ଟମ୍ସ(ବାଟୋଇ) ମଧ୍ୟରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ଅନୁଯାୟୀ ବାଟୋଇ ସୋଆକୁ ଏହାର ବାଟୋଇ ଏକାଡେମୀ ପ୍ଲାଟଫର୍ମ ବ୍ୟବହାର କରିବାକୁ ଦେବ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଶିକ୍ଷା ଓ ଗବେଷଣା ନିମନ୍ତେ ଏକ ଟେକ୍ନୋଲୋଜି ଲ୍ୟାବ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରିବ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ବାଟୋଇ ସିଷ୍ଟମ୍ସର ସିଇଓ ତଥା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ରଥଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ସୋଆର ସେଣ୍ଟର ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ ପାଣିଗ୍ରାହୀ ଏବଂ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ପ୍ରମୋଦ ପଣ୍ଡା ଉପସ୍ଥିତ ଥିଲେ।

## ଅଂଶୁଘାତରେ ଯୁବତୀଙ୍କ ମୃତ୍ୟୁ ସନ୍ଦେହ

**କଟକ,୨୦।୪(ସମିସ):** ଅଂଶୁଘାତର ଶିକାର ହୋଇ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ୨୧ବର୍ଷୀୟା ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତ ଛାତ୍ରୀଜଣଙ୍କ କାଜିଡିହ ଅଞ୍ଚଳର। ଏସ୍‌ସିବିରେ ଉକ୍ତ ଛାତ୍ରୀଙ୍କୁ ଶନିବାର ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ପରେ ଉକ୍ତ ଛାତ୍ରୀଙ୍କୁ ଆଇସିୟୁକୁ ନିଆଯାଇଥିଲା। ଏନେଇ ଏସ୍‌ସିବି ମେଡିସିନ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଛାତ୍ରୀ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। ତାଙ୍କର ସମସ୍ତ ଚିକିତ୍ସା ଜାରି ରହିଥିଲା। ହେଲେ ମଲ୍ଟି ଅର୍ଗାନ ଫେଲ୍ ହୋଇଥିବା ଜଣାପଡ଼ିଥିଲା। ଏହା ଅଂଶୁଘାତ ଯୋଗୁଁ ମୃତ୍ୟୁ କି ଅନ୍ୟ କୌଣସି କାରଣ ଯୋଗୁଁ, ତାହା ସ୍ପଷ୍ଟ ହୋଇନାହିଁ।

## କୁତ୍ରାରେ ଝାଡ଼ାବାନ୍ତି; ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**କୁତ୍ରା, ୨୦।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପିଛି ଝାଡ଼ାବାନ୍ତି। ୨୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ ପଙ୍ଗନିଆବାହାଲ, ନୂଆଗାଁ ଓ ଝାଡ଼ଖଣ୍ଡ ରାଜ୍ୟ କାଦୋବାହାଲ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୁତ୍ରା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ତଳେ କୁତ୍ରା ଅଞ୍ଚଳରେ ବର୍ଷା ହୋଇଥିଲା। ଏବେ ଦୁଇ ତିନିଦିନ ହେବ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ପାଖାପାଖି ରହୁଛି। ଫଳରେ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କୁତ୍ରା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଓଆରଏସ ପାଣି ଓ ସାଲାଇନ ଦିଆଯାଇ ଚିକିତ୍ସା କରାଯାଉଥିବା କୁତ୍ରା ଡାକ୍ତରଖାନା ଇନ୍‌ଚାର୍ଜ ଡା. ଶ୍ରୀକାନ୍ତ ଟପ୍ପୋ ପ୍ରକାଶ କରିଛନ୍ତି। ଏହି ସମୟରେ ଲୋକେ ଅଧିକରୁ ଅଧିକ ପାନୀୟ ପିଇବା ପାଇଁ ସେ ଅନୁରୋଧ କରିଛନ୍ତି। କିଛିଦିନ ପୂର୍ବେ ବର୍ଷା ଓ ତା' ପରେ ହଠାତ୍ ତାପମାତ୍ରା ବୃଦ୍ଧି ଯୋଗୁଁ ଏଭଳି ହେଉଥିବା ସେ ପ୍ରକାଶ କରିଛନ୍ତି।

## ଭାରତୀୟ ନାଗରିକଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ

**ୱାଶିଂଟନ, ୨୦।୪ (ଏଜେନ୍ସି):** ଆମେରିକାରେ ଭାରତୀୟ ନାଗରିକ ବନମିତ ସିଂହ (୪୦)ଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଡାର୍କ ୱେବ୍‌ରେ ଡ୍ରଗ୍ସ ବିକ୍ରି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ଡ୍ରଗ୍ସ ବିକି ୧.୨୫ ହଜାର କୋଟି ଟଙ୍କା ଆୟ କରିଥିଲେ। ଏହି ଅର୍ଥକୁ ଜବତ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବନମିତ ହଲ୍‌ଦୱାନୀର ବାସିନ୍ଦା। ତାଙ୍କୁ ୨୦୧୯ ଏପ୍ରିଲରେ ଲଣ୍ଡନରୁ ଗିରଫ କରାଯାଇଥିଲା। ଏହା ପରେ ୨୦୨୩ ମାର୍ଚ୍ଚରେ ଆମେରିକା ପ୍ରତ୍ୟର୍ପଣ କରାଯାଇଥିଲା। କୋର୍ଟରେ ମାମଲା ଚାଲିଥିବାବେଳେ ସେ ଚଳିତ ବର୍ଷ ଜାନୁଆରୀରେ ନିଜ ଦୋଷ ସ୍ୱୀକାର କରିଥିଲା। କୋର୍ଟ ଦେଇଥିବା ସୂଚନା ଅନୁଯାୟୀ ବନମିତ ଡାର୍କୱେବରେ ମାର୍କେଟିଂ ସାଇଟ୍ସ ବନାଇ ଥିଲା। ଏହାର ନାମ ସିଲ୍କ ରୋଡ, ଆଲ୍‌ଫା ବେ, ହଂସା ଥିଲା। ଏହା ମାଧ୍ୟମରେ ସେ ନିଶାଦ୍ରବ୍ୟ ସହିତ ଫେଣ୍ଟାନିଲ, ଏଲଏସଡି, ଏକ୍ସଟେସି, କେଟାମାଇନ ଏବଂ ଟ୍ରାମାଡୋଲ ଭଳି ଔଷଧ ବିକ୍ରି କରୁଥିଲା। ତାର ନେଟୱର୍କ ଆମେରିକାଠାରୁ ବ୍ରିଟେନ ପର୍ଯ୍ୟନ୍ତ ବ୍ୟାପି ଥିଲା। ଡ୍ରଗ୍ସ କିଣୁଥିବା ବ୍ୟକ୍ତି ତାକୁ କ୍ରିପ୍ଟୋକରେନ୍ସି ମାଧ୍ୟମରେ ଅର୍ଥ ପୈଠ କରୁଥିଲା। ପରେ ବନମିତ ନିଜେ ଡ୍ରଗ୍ସ ଯୋଗାଣ କରୁଥିଲା। ସେ ୟୁଏସ୍ ମେଲ୍ କିମ୍ବା ଅନ୍ୟ ସେବା ମାଧ୍ୟମରେ ୟୁରୋପରୁ ଆମେରିକା ପର୍ଯ୍ୟନ୍ତ ଡ୍ରଗ୍ସ ପହଞ୍ଚାଉ ଥିଲା।

● ଡ୍ରଗ୍ସ ବିକି ଆୟ କରିଛି ୧.୨୫ ହଜାର କୋଟି
● ଆମେରିକାରୁ ବ୍ରିଟେନ ପର୍ଯ୍ୟନ୍ତ ଥିଲା ନେଟ୍‌ୱର୍କ

## ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ

# ବିଭାଗ ମଧ୍ୟରେ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

**ପୁରୀ,୨୦।୪(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏ ବର୍ଷ ୧୦ରୁ ୧୫ ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବା ପାଇଁ ପୁରୀ ଆସିବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ମଧ୍ୟ ସଜାଗ ହେଲାଣି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ଏବଂ ଭକ୍ତମାନେ କିପରି ସୁରୁଖୁରରେ ରଥଯାତ୍ରା ଦେଖି ସୁଖଦ ଅନୁଭୂତି ନେଇ ଫେରିବେ, ସେଥିଲାଗି ଆରମ୍ଭ ହୋଇଗଲାଣି ପ୍ରସ୍ତୁତି ପର୍ବ। ତେବେ ବିଭିନ୍ନ ବିଭାଗ ରଥଯାତ୍ରା ପାଇଁ କ'ଣ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି ତାହାକୁ ନେଇ ଶନିବାର ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ। ତେବେ ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଏବଂ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠକୁ ନେଇ ବୈଠକ ବେଶ୍ ସରଗରମ୍ ହୋଇଛି।




ଟାଉନ ହଲ୍ ପରିସରରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ମହାପ୍ରଭୁଙ୍କ ରଥଯାତ୍ରା ମହାପ୍ରଭୁ ନିଜେ ହିଁ ଧାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ। ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ୍ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପରାମର୍ଶକ୍ରମେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକ ପରିଚାଳନା କରିବା ସହ ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାରସ୍ପରିକ ସମନ୍ୱୟର ସହ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସଞ୍ଜୟ କୌଶଲ, ଓର୍‌ମାସର ନିର୍ଦ୍ଦେଶକ ତଥା ମୁଖ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର, ଆଇନ ବିଭାଗ ଅତିରିକ୍ତ ସଚିବ ପ୍ରଣୟ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଏସ୍‌ପି ପିନାକ ମିଶ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଗୃହ ଓ ପୌର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଦେବୋତ୍ତର ବିଭାଗ ଡେପୁଟି କମିଶନର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ଆଳ; ୭୦ଲକ୍ଷ ଠକେଇ

ଭୁବନେଶ୍ୱର, ୨୦।୪ (ସମିସ): ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ନିବେଶ କରିବା ମହଙ୍ଗା ପଡ଼ିଛି। ଜଣେ ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ୭୦ଲକ୍ଷ ଟଙ୍କା ଠକି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ସମ୍ପୃକ୍ତ ବରିଷ୍ଠ ନାଗରିକ ସାଇବର୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ବରିଷ୍ଠ ନାଗରିକ ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ନିବେଶ ଲାଗି ସାମାଜିକ ଗଣମାଧ୍ୟମରେ ଏକ ସାଇଟ୍ ଦେଖିଥିଲେ। ଉକ୍ତ ସାଇଟ୍‌ରେ ଟଙ୍କା ନିବେଶ କଲେ ଭଲ ସୁଧରାଶି ମିଳିବ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ପରେ ସମ୍ପୃକ୍ତ ବରିଷ୍ଠ ନାଗରିକ ମ୍ୟୁଚୁଆଲ ଫଣ୍ଡରେ ୨୭ହଜାର ଟଙ୍କା ନିବେଶ କରିଥିଲେ। କିଛି ଦିନ ଭିତରେ ମୂଳଧନ ସହ ସୁଧ ଅଧିକ ମିଳିବାର ପ୍ରଲୋଭନରେ ବରିଷ୍ଠ ନାଗରିକ ଫସି ଯାଇଥିଲେ। ସେଇ ମ୍ୟୁଚୁଆଲ ଫଣ୍ଡରେ ୨୭ହଜାର ଟଙ୍କା ନିବେଶ କରି ଦେଇଥିଲେ। କିନ୍ତୁ ଟଙ୍କା ନିବେଶର ଦୁଇ ଦିନ ଭିତରେ ତାଙ୍କ ଆକାଉଣ୍ଟରେ ଥିବା ୭୦ ଲକ୍ଷ ଟଙ୍କା କଟି ଯାଇଥିବା ସେ ଅଭିଯୋଗ କରିଛନ୍ତି।

## ଟେଲିଗ୍ରାମ୍‌ରେ ଟ୍ରେଡିଂ ଆଳରେ ୫ଲକ୍ଷ ଠକିନେଲେ

ଭୁବନେଶ୍ୱର, ୨୦।୪ (ସମିସ): ଟେଲିଗ୍ରାମରେ ଟ୍ରେଡିଂ କରି କୋଟିପତି ହେବାର ସ୍ୱପ୍ନ ଦେଖାଇ ସାଇବର୍ ଠକ ଠକିନେଇଛନ୍ତି ୫ଲକ୍ଷରୁ ଅଧିକ ଟଙ୍କା। ଏନେଇ ସାଇବର୍ ଥାନାରେ ପ୍ରଦୀପ କୁମାର ସିଂ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ପ୍ରଦୀପଙ୍କ ହ୍ୱାଟ୍ସଆପ୍‌କୁ କିଛି ମେସେଜ୍ ଆସିଥିଲା। ଏଥିରେ ଟେଲିଗ୍ରାମ୍‌ରେ ଟଙ୍କା ଲଗାଇ ଦୁଇଗୁଣା ସୁଧ ପାଇବାକୁ କହିଥିଲେ। ଲୋଭରେ ପଡ଼ି ପ୍ରଦୀପ ତାଙ୍କ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଏହାପରେ ପ୍ରଥମେ ୨ହଜାର ପରେ ୫ହଜାର ଲଗାଇଥିଲେ। ଏହିଭଳି ସେ ୫ଲକ୍ଷରୁ ଅଧିକ ଟଙ୍କା ଲଗାଇଥିଲେ। କିନ୍ତୁ ଠକ ଟଙ୍କା ନେବା ପରେ ଫୋନ୍ ବନ୍ଦ କରି ଦେଇଥିଲେ।

**ଗ୍ରୀଷ୍ମ ପାଇଁ କମିସନରେଟ୍ ପୁଲିସର ଅଭିନବ ପଦକ୍ଷେପ**

# ଟ୍ରାଫିକ୍ ପୁଲିସଙ୍କୁ ଏସି ହେଲ୍‌ମେଟ୍

ଭୁବନେଶ୍ୱର, ୨୦।୪ (ସମିସ):

ପ୍ରବଳ ଖରାରେ ସିଝୁଛି ରାଜଧାନୀ। ଏଭଳି ପରିସ୍ଥିତିରେ ଟ୍ରାଫିକ୍ ପୁଲିସ ଗୋଟିଏ ଜାଗାରେ ଅବିଶ୍ରାନ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅସମ୍ଭାଳ ତାତିରେ ଆଉଟୁ ପାଉଟୁ ଟ୍ରାଫିକ କର୍ମଚାରୀ। ଅସହ୍ୟ ତାତିରେ ଟ୍ରାଫିକ୍ ପୁଲିସ କାର୍ଯ୍ୟ କରୁଥିବା ବେଳେ ଏଥିରୁ ସେମାନେ କିଛିଟା ଆଶ୍ୱସ୍ତି ପାଇବାକୁ ଯାଉଛନ୍ତି। ଟ୍ରାଫିକ୍ ପୁଲିସ ଏଣିକି ଏସି ହେଲ୍‌ମେଟ ବ୍ୟବହାର କରିବେ। ପ୍ରବଳ ଖରା ଦାଉରୁ ଏହି ହେଲ୍‌ମେଟ୍

**ଥରେ ଚାର୍ଜ କଲେ ୮ ଘଣ୍ଟା କାର୍ଯ୍ୟକ୍ଷମ**

**ସମ୍ଭାଳିବ ୫୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା**

**ଆରମ୍ଭ ହେଲା ପରୀକ୍ଷାମୂଳକ ବ୍ୟବହାର**

ମୁଣ୍ଡ ଓ ଶରୀରକୁ ଥଣ୍ଡା ରଖିବ। ଯେତେ ଗରମ ହେଲେ ମଧ୍ୟ ତାତିରୁ ଆଶ୍ୱସ୍ତି ମିଳିବ। ଶନିବାର ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରେ ଏହି ହେଲ୍‌ମେଟ୍ ବ୍ୟବହାର ଆରମ୍ଭ ହୋଇଛି।

ସ୍ୱତନ୍ତ୍ର ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ଏସି ହେଲ୍‌ମେଟକୁ ପରୀକ୍ଷାମୂଳକ ଭାବେ ଶନିବାର ଠାରୁ ଆରମ୍ଭ କରାଯାଇଛି। ଏହି ହେଲ୍‌ମେଟରେ ସ୍ୱତନ୍ତ୍ର ବ୍ୟାଟେରୀ ରହିଛି। ସେଥିରେ ହେଲ୍‌ମେଟ୍ ଚାର୍ଜ ହୋଇପାରିବ। ଥରେ ଚାର୍ଜ ହୋଇଗଲେ ୮ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିବ। ସେହିପରି ଖରା ଦିନେ ଥଣ୍ଡା ପବନ ଦେବା ସହିତ ଶୀତ ଦିନେ ଗରମ ପବନ ଦେବ। ତେଣୁ ଖରା ହେଉ କି ଶୀତ ସବୁଠି ଟ୍ରାଫିକ୍ କର୍ମଚାରୀଙ୍କୁ ମିଳିବ ଆଶ୍ୱସ୍ତି। ୧୨୦ ବାଟାଲିୟନରେ ଜଣେ ମହିଳା ଟ୍ରାଫିକ୍ କର୍ମଚାରୀଙ୍କୁ ଏହି ଏସି ହେଲମେଟକୁ ପରୀକ୍ଷାମୂଳକ ଭାବେ ପ୍ରଦାନ କରାଯାଇଛି। ଏହି ପ୍ରଦାନ କାର୍ଯ୍ୟକ୍ରମରେ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା, ଟ୍ରାଫିକ୍ ଡିସିପି ପ୍ରାଣକୃଷ୍ଣ ରାଉତଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏନେଇ ପୁଲିସ୍ କମିସନର୍ ସଞ୍ଜୀବ ପଣ୍ଡା କହିଛନ୍ତି, ପରୀକ୍ଷାମୂଳକ ଭାବେ ଏହି ଏସି ହେ୍‌ମେଟ୍ କର୍ମଚାରୀମାନେ ବ୍ୟବହାରକରୁଛନ୍ତି। ସେମାନଙ୍କଠାରୁ ମତାମତ ନିଆଯିବ। ଯଦି ମତାମତ ଭଲ ରହିଥିଲା, ତାହାହେଲେ କର୍ମଚାରୀଙ୍କୁ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବୁ ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ଏସି ହେଲ୍‌ମେଟ ଯୋଗାଉଥିବା ସଂସ୍ଥାର ସଞ୍ଜୟ ଯୋଷୀ କହିଛନ୍ତି, ୫୫ ଡିଗ୍ରୀ ତାପମାତ୍ରା ପର୍ଯ୍ୟନ୍ତ ଏହି ହେଲ୍‌ମେଟ୍ କାମ ଦେଇପାରିବ। ଏଥିରେ ମୁଣ୍ଡ ଓ ଶରୀରକୁ ଥଣ୍ଡା ରଖିବ। ଏହି ଏସି ହେଲ୍‌ମେଟ୍ ବ୍ୟବହାରରେ କୌଣସି ଅସୁବିଧା ହେବନାହିଁ। ମେକ୍ ଇନ୍ ଇଣ୍ଡିଆରେ ଏହି ଏସି ହେଲ୍‌ମେଟ୍ ତିଆରି ହୋଇଛି।



### ହେଲ୍‌ମେଟ୍ ଗୋଟା ୨୯ ହଜାର ଟଙ୍କା

ଏୟାର୍ କୁଲିଙ୍ଗ ବା ଏସି ହେଲ୍‌ମେଟ୍ ଗୋଟା ୨୯ ହଜାର ଟଙ୍କା। ଖାଲି ହେଲମେଟ୍ ଦାମ୍ ୧୬୦ ଟଙ୍କା ହୋଇଥିବା ବେଳେ ବାକି ତକ ଟଙ୍କା ଏସିରେ ଖର୍ଚ୍ଚ ହେଉଛି। କମିସନରେଟ ପୁଲିସ ବର୍ତ୍ତମାନ ୨୭୦ଜଣ କନଷ୍ଟେବଲ କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱରରେ କାର୍ଯ୍ୟରତ ସବୁ କର୍ମଚାରୀଙ୍କୁ ହେଲ୍‌ମେଟ୍ ଯୋଗାଇଦେଲେ ପ୍ରାୟ ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଟ୍ରାଫିକ କର୍ମଚାରୀଙ୍କ ପାଇଁ ଯେ, କମିସନରେଟ୍ ପୁଲିସ ଏତେ ଟଙ୍କା ଖର୍ଚ୍ଚକରିବ ତାକୁ ନେଇ ସଂଶୟ ପ୍ରକାଶ ପାଇଛି। ତଥାପି ଭଲ ମତାମତ ମିଳିଲେ, ସବୁ କର୍ମଚାରୀଙ୍କୁ ହେଲ୍‌ମେଟ ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି।

## ସଫେଇ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଭୁବନେଶ୍ୱର, ୨୦।୪(ସମିସ): ଜଣେ ମହିଳା ସଫେଇ କର୍ମୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ସମ୍ପୃକ୍ତ ମହିଳା କର୍ମଚାରୀ ହେଲେ ଗୋଲାପ ମାହାର। ଠିକା ସଂସ୍ଥା ଏବଂ ବିଏମ୍‌ସି କର୍ମଚାରୀ ମିଶି ତାଙ୍କୁ ଜୋର୍‌ଜବରଦସ୍ତ ଟାଣ ଖରାରେ କାମ କରାଇବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୋଲପଙ୍କ ମୃତ୍ୟୁ ପରେ ସଫେଇ କର୍ମଚାରୀମାନେ ହୋ ହଲ୍ଲା କରି ଶନିବାର କାମବନ୍ଦ କରି ଦେଇଥିଲେ। ସମ୍ପୃକ୍ତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏମ୍‌ସି ସଫେଇ ମଜଦୁର ସଂଘ ଦାବି କରିଛି।

ମିଳିଥିବା ସୂଚନା ମୁତାବକ, ଗୋଲାପ ଆୱାରଲ୍ୟାଣ୍ଡ ନାମକ ଏକ ଏଜେନ୍ସି ଅଧୀନରେ ସଫେଇ କର୍ମଚାରୀଭାବେ ବହୁଦିନ ହେବ କାମ କରୁଥିଲେ। ଶୁକ୍ରବାର ବିଏମ୍‌ସି ସାନିଟାରୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଜେନ୍ସି ୬୪ନମ୍ବର ୱାର୍ଡରେ ଗଣ ସଫେଇ କରାଇଥିଲା। ସେଠାରେ ଗୋଲାପ ଅସୁସ୍ଥ ହୋଇ ପଡ଼ିଥିଲେ। ପରେ ଘରକୁ ଚାଲିଯାଇଥିଲେ। ଘରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପରିବାର ଲୋକ ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ସଫେଇ ମଜଦୂର ସଂଘର ଅଭିଯୋଗ ଅନୁଯାୟୀ, ଟାଣ ଖରାରେ ସକାଳ ପ୍ରାୟ ୧୧ ପର୍ଯ୍ୟନ୍ତ ସଫେଇ କର୍ମଚାରୀମାନଙ୍କୁ ଜବରଦସ୍ତ କାମ କରାଯାଉଥିଲା। ମହିଳା ଜଣଙ୍କ କାମ କଲାବେଳେ ଅସୁସ୍ଥ ହୋଇପଡ଼ିଥିଲେ ମଧ୍ୟ ଚିକିତ୍ସା ପାଇଁ ଏଜେନ୍ସି ହସ୍ପିଟାଲରେ ଭର୍ତ୍ତି କରିବା ପରିବର୍ତ୍ତେ ବେପରୁଆ ଭାବେ ଘରକୁ ପଠାଇ ଦେଇଥିଲା। ଗୋଲାପଙ୍କୁ ନ୍ୟାୟ ନ ମିଳିଲେ ସଂଘ ତାଙ୍କ ଫଟୋ ଧରି ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଏନେଇ ଏଜେନ୍ସିର ସୁପର୍‌ଭାଇଜର କହିଛନ୍ତି, ଗଣ ସଫେଇ କାମ ଚାଲିଥିଲା। ସେ ଅସୁସ୍ଥ ବୋଲି କହିଥିଲେ। ତେଣୁ ତାଙ୍କୁ କାମ କରାଯାଇ ନ ଥିଲା। ସେ ଗଛ ଛାଇରେ ବସିଥିଲେ। ପ୍ରାୟ ୯ଟା୪୫ ସମୟରେ ସଫେଇ କାମ ବନ୍ଦ ହୋଇଥିଲା। ଏହାକୁ ବିଏମ୍‌ସି ଗୁରୁତର ସହ ନେଇଛି। ଜଣେ ତହସିଲଦାର୍ ଏହି ମାମଲାର ତଦନ୍ତ କରିବେ। ତଦନ୍ତ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

**ଟାଣଖରାରେ କାମ କରାଉଥିବା ଅଭିଯୋଗ**

**ତହସିଲ୍‌ଦାର୍ କରିବେ ତଦନ୍ତ**



## ଅସଦାଚରଣକାରୀକୁ ମାଡ଼ିବସିଲା 'ହର'

ଭୁବନେଶ୍ୱର, ୨୦।୪ (ସମିସ): ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ହର୍ ଟିମ୍ ଜଣେ ଯୁବକଙ୍କୁ କାବୁ କରିଛନ୍ତି। ଏହାପରେ ଯୁବତୀଙ୍କ ଅଭିଯୋଗ ଆଧାରରେ ସହିଦ ନଗର ଥାନା ପୁଲିସ ମାମଲା ରୁଜୁକରି ଉକ୍ତ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସାମନ୍ତରାପୁରରେ ରହୁଥିବା ବିନାୟକ ପଟ୍ଟନାୟକ।

ସୂଚନା ଅନୁସାରେ, ଅଭିଯୋଗକାରିଣୀ ଜଣକ ନିଜ ବନ୍ଧୁମାନଙ୍କ ସହିତ ମିଶି ବିଏମ୍‌ସି ଭବାନୀ ମଲକୁ ଯାଇଥିଲେ। ଏହି ସମୟରେ ବିନାୟକ ଅଭିଯୋଗକାରିଣୀଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ କରିବା ସହିତ ତାଙ୍କ ବିନା ଅନୁମତିରେ ସର୍ବସାଧାରଣରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ସ୍ପର୍ଶ କରିଥିଲେ ଏବଂ ମୋବାଇଲ ନମ୍ବର ମଧ୍ୟ ମାଗିଥିଲେ। ଯୁବତୀ ଜଣକ 'ହର୍'ର ସହାୟତା ନମ୍ବରକୁ ଯୋଗଯୋଗ କରି ସାହାଯ୍ୟ ମାଗିଥିଲେ। ସୂଚନା ପାଇ 'ହର୍' ଟିମ୍‌ର ସଦସ୍ୟ ପହଞ୍ଚି ବିନାୟକକୁ କାବୁ କରିବା ସହିତ ତାଙ୍କ କବଳରୁ ଅଭିଯୋଗକାରିଣୀଙ୍କୁ ଉଦ୍ଧାର କରିଥିଲେ। ପରେ ଏନେଇ ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଚୋରି ଅଭିଯୋଗରେ ଦୁଇ ସୁରକ୍ଷାକର୍ମୀ ଗିରଫ

ଭୁବନେଶ୍ୱର, ୨୦।୪ (ସମିସ): ଚାଟ୍ ଦୋକାନୀଙ୍କ ଠେଲା ଗାଡ଼ି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନିମାପଡ଼ା ଥାନା ଚଢ଼େଇଗାଁର ସୁରେଶ ପଡ଼ିଆରୀ (୨୭) ଓ ମନୋଜ କୁମାର ମଲ୍ଲିକ (୩୫)। ପୁଲିସ ସୂଚନା ଅନୁଯାୟୀ, ଗୋପବନ୍ଧୁ ଛକ ନିକଟରେ ଠେଲା ଗାଡ଼ିରେ ଚାଟ୍ ବ୍ୟବସାୟ କରୁଥିବା ସୁକାନ୍ତ ମଲ୍ଲିକ ଗତ ୧୦ ତାରିଖ ରାତିରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଦୁଇଟି ଭିନ୍ନ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରୁଥିବା ସୁରେଶ ଓ ମନୋଜ ବିଳମ୍ବିତ ରାତିରେ ଉକ୍ତ ଠେଲା ଗାଡ଼ିକୁ ନିଜର ଦୁଇଟି ମଟରସାଇକଲ ସହାୟତାରେ ସେଠାରୁ ଚୋରି କରି ନେଇଥିଲେ। ଠେଲା ଗାଡ଼ିକୁ ନେଇ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏଲ୍ କାର୍ଯ୍ୟାଳୟ ପଛପଟେ ଲୁଚାଇ ରଖିଥିଲେ। ପରଦିନ ସନ୍ଧ୍ୟାରେ ସୁକାନ୍ତ ଦୋକାନ ଖୋଲିବା ଲାଗି ଯାଇଥିବା ବେଳେ ତାଙ୍କ ଠେଲା ଗାଡ଼ିଟି ଚୋରି ହୋଇଯାଇଥିବା ଜାଣି ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ସୁରେଶ ଓ ମନୋଜକୁ ଗିରଫ କରି ସେମାନଙ୍କ ହେପାଜତରୁ ଚୋରି ହୋଇଥିବା ଠେଲା ଗାଡ଼ି ଓ ଘଟଣାରେ ବ୍ୟବହୃତ ଦୁଇଟି ମଟର୍ ସାଇକଲ୍ ଜବତ କରିଥିଲା।



## ଯୁବତୀଙ୍କଠାରୁ ଝାମ୍ପିନେଲେ ସୁନାଚେନ୍

ଭୁବନେଶ୍ୱର, ୨୦।୪(ସମିସ): ପୁଣି ଜଣେ ଯୁବତୀଙ୍କୁ ବେକରୁ ସୁନାଚେନ୍ ଲୁଟିଛନ୍ତି ଲୁଟେରା। ପାହାଳ ଥାନା ଅଧୀନ ଏକ ମଲ୍ ନିକଟରୁ ଯୁବତୀଙ୍କ ବେକରୁ ଦୁର୍ବୃତ୍ତ ଚେନ୍ ଲୁଟିଛନ୍ତି। ଏନେଇ ଯୁବତୀଙ୍କ ଭାଇ ସାଗର ଜେନା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଯୁବତୀ ଜଣଙ୍କ ସୁନାଚେନ୍ ପିନ୍ଧି ସିଫୋନୀମଲ୍‌କୁ ବୁଲିବାକୁ ଯାଇଥିଲେ। ସେ ମଲ୍‌ରୁ ବୁଲି ଆସିବା ପରେ ରାସ୍ତାରେ ଛିଡ଼ା ହୋଇଥିଲେ। ଏହି ସମୟରେ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ।

## ଦୁଇ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏଁ ଜେଲ୍

ଭୁବନେଶ୍ୱର, ୨୦।୪(ସମିସ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ଗତବର୍ଷ ସହିଦନଗର ଥାନା ଅଞ୍ଚଳରେ ହୋଇଥିବା ଏକ ସୁନା ଚେନ୍ ଲୁଟ ମାମଲାର ବିଚାର କରି ଅଭିଯୁକ୍ତ ଟିକି ଓରଫ ସର୍ବେଶ୍ୱର ଗୋଛାୟତ ଓ ଗୁଲୁ ଓରଫ ବୁଲୁ ନାୟକକୁ ବର୍ଷେ ଲେଖାଏଁ ସଜା ଶୁଣାଇଛନ୍ତି। ପୁଲିସ ସୂଚନା ଅନୁସାରେ, ସହିଦନଗର ଅଞ୍ଚଳର ଶିଶିଳା ଚୌଧୁରୀ ଗତବର୍ଷ ଜୁଲାଇ ମାସ ୧୧ ତାରିଖ ରାତି ୯ ଟା ସମୟରେ ଏକ କାର୍ଯ୍ୟକ୍ରମରୁ ଘରକୁ ଫେରୁଥିଲେ। ସେ ଚାନ୍ଦୀ ଭଣ୍ଡାର ନିକଟରେ ଥିବା ପତି ଔଷଧ ଦୋକାନ ସମ୍ମୁଖରେ ପାଇଥିବା ବେଳେ ଦୁଇ ଅଭିଯୁକ୍ତ ଟିକି ଓ ଗୁଲୁ କଳା ରଙ୍ଗର ମୋଟରସାଇକେଲରେ ଆସି ସୁନା ଚେନକୁ ଲକେଟ ସହକାରେ ଛଡ଼ାଇ ନେଇଥିଲେ। ଏନେଇ ଶିଶିଳା ଚୌଧୁରୀଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ କେସ ନଂ-୨୭୪/୨୦୨୩ ରେ ଦଫା- ୩୯୨/୩୪ ଆଇପିସି ଲଗାଇ ମାମଲା ରୁଜୁ କରିବା ସହ ଏସଆଇ ଅଶ୍ୱିନୀ କୁମାର ଜେନାଙ୍କୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ବେଳେ ପରେ ଏସଆଇ ସନ୍ତୋଷ କୁମାର ବେହେରା ଏହି ମାମଲାର ତଦନ୍ତ ଭାର ନେଇଥିଲେ। ଉଭୟ ତଦନ୍ତକାରୀ ଅଧିକାରୀ ମାମଲାର ସଠିକ ଭାବେ ତଦନ୍ତ କରିବା ସହ ଟିକି ଓ ଗୁଲୁକୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର ଦୁଇ ଅଭିଯୁକ୍ତଙ୍କୁ ୧ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୫୦୦ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଓ ସବିତା ଚୌଧୁରୀ ଏହି ମାମଲାକୁ ପରିଚାଳନା କରିଥିଲେ।



ଗୁଡ଼ ମର୍ଣ୍ଣିଂ ଓଡ଼ିଶା



# ଲୋକନୃତ୍ୟରେ ଯୁଦ୍ଧବାଦ୍ୟ 'ଘୁମୁରା'

କଳାହାଣ୍ଡିର ସୌନ୍ଦର୍ଯ୍ୟ ବୃଦ୍ଧି ପଛରେ ରହିଛି ବଣ, ପାହାଡ଼, ନଦୀ ଓ ଝରଣାର ରମଣୀୟ ଦୃଶ୍ୟାବଳି । ଆତ୍ମବିଭୋର ଓ ସୃଜନଶୀଳତାକୁ ଆଧାର କରି ଜୀବନ ଜିଉଁଥିବା କଳାକାରମାନେ ହିଁ କଳାହାଣ୍ଡିର ବଳିଷ୍ଠ ସାଂସ୍କୃତିକ ଐତିହ୍ୟର ଗର୍ବ ଓ ଗୌରବ । ସଭ୍ୟତା ଓ ସଂସ୍କୃତିକୁ ପ୍ରତ୍ୟେକ ଜାତିର ମାନଦଣ୍ଡ ରୂପେ ନିର୍ଣ୍ଣୟ କରାଯାଇଛି । ଏହି ଦୁଇଟି ଯାହାର ଯେମିତି ସମୃଦ୍ଧ, ସେହି ଜାତି ସେତିକି ଦୃଢ଼ ଓ ବିକଶିତ ବୋଲି କୁହାଯାଏ । ଜିଲ୍ଲାରେ ପୂର୍ବପୁରୁଷଙ୍କ ଠାରୁ ଆରମ୍ଭ ହୋଇ ଏଯାବତ ବହୁ ପ୍ରବୀଣ ଓ ତରୁଣ କଳାକାରଙ୍କୁ ନେଇ ଆଗେଇ ଚାଲିଛି ବୀରବାଦ୍ୟ ବା ଯୁଦ୍ଧବାଦ୍ୟ ଘୁମୁରା ସମେତ ଅନେକ ଲୋକନୃତ୍ୟ । କିନ୍ତୁ 'ଘୁମୁରା' କଳାହାଣ୍ଡି ସଂସ୍କୃତିର ଅନ୍ତରାତ୍ମା ପାଲଟିଯାଇଛି । ଘୁମୁରା ଏମିତି ଏକ ନୃତ୍ୟ ପରମ୍ପରା, ଯାହାକି ଯୋଦ୍ଧାଙ୍କୁ ଆକ୍ରମଣ କରିବା ପାଇଁ ମନରେ ଶକ୍ତି ଭରି ଦେଇଥାଏ ଏବଂ ଶତ୍ରୁ ଛାତିରେ ଭୟର ହୃତ୍‌କମ୍ପନ ସୃଷ୍ଟି କରେ । ତେବେ ଘୁମୁରାକୁ ତାଳ ଦେଇ ବଜାଇଲା ସମଗ୍ର ଦେଶ କାହିଁକି ବିଦେଶରେ ମଧ୍ୟ ଚମତ୍କାର ପରିବେଷଣ ଦ୍ୱାରା କଳାହାଣ୍ଡି ପାଇଁ ଗୌରବ ଆଣିବା ଶତାଧିକ କଳାକାର ନିଜସ୍ୱ କଳା ଶୈଳୀରେ ଜନମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଘୁମୁରା କହିଲେ କଳାହାଣ୍ଡି ଓ କଳାହାଣ୍ଡିର ମାଁ ପଡ଼ିଲେ ଘୁମୁରା କଥା ଆପେଆପେ ସମସ୍ତଙ୍କ ମନକୁ ଚାଲି ଆସିଥାଏ । 'ଘୁମୁରା' ଓଡିଶା କାହିଁକି, ଦେଶ ତଥା ବିଶ୍ୱରେ ଖ୍ୟାତି ଓ ସମ୍ମାନ ଲାଭ କରିବା ସହିତ କଳାହାଣ୍ଡି ମାଟିକୁ ଗୌରବମୟ କରିପାରିଛି ।

କଳାହାଣ୍ଡିରୁ ସ୍ୱାଧୀନ ପାତ୍ରଙ୍କ ରିପୋର୍ଟ



ଇତିମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଭବାନୀପାଟଣା ଠାରେ ଏକ 'ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର' ପ୍ରତିଷ୍ଠା ହୋଇଛି । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଦୁଇଜଣ ଗୁରୁ ଚୈତନ୍ୟ ରାଉତ ଓ କୈଳାସ ସିଂଙ୍କ ତତ୍ତ୍ୱାବଧାନରେ ୩୦ଜଣ ଛାତ୍ର ତାଲିମ ଗ୍ରହଣ କରୁଛନ୍ତି । ତେବେ 'ଘୁମୁରା' ର ଜନ୍ମଜାତକ ବିଷୟରେ ଅନେକ ଗବେଷକ ଓ ପ୍ରାବନ୍ଧିକ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ପୌରାଣିକ ପୃଷ୍ଠଭୂମିରୁ ଆରମ୍ଭ କରି ଏଯାବତ୍ ଯାହା ବି ଜଣାପଡିଛି, ସେଥିରୁ ଅନୁମାନ କଲେ ଏହା ଅତି ପ୍ରାଚୀନ ସମୟର ନୃତ୍ୟ । ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଦେବଙ୍କଠାରୁ ଆରମ୍ଭ କରି ଅନେକ ଗୁଣୀ ବ୍ୟକ୍ତି ଘୁମୁରାର ଜନ୍ମ 'ଲଙ୍କା' ବୋଲି ମତ ରଖିଛନ୍ତି । ପ୍ରାବନ୍ଧିକଙ୍କ ମତରେ ରାଜା ରାବଣର ଏହା ଥିଲା ରଣବାଦ୍ୟ, ଏହି ବାଦ୍ୟ ରାବଣର ପୁତ୍ର ମେଘନାଦର ତପସ୍ୟାର ଫଳ । ଯେଉଁ ବାଦ୍ୟ ଶତ୍ରୁପକ୍ଷ ଛାତିରେ ଭୟର ବାତାବରଣ ସୃଷ୍ଟି କରିବା ସହିତ ନିଜ ଯୋଦ୍ଧାମାନଙ୍କ ସାହସର କବଚ ସ୍ୱରୂପ କାର୍ଯ୍ୟ କରୁଥିଲା । ରାମାୟଣ ଯୁଗରେ ହିଁ ଘୁମୁରାର ଉତ୍ପତ୍ତି କିମ୍ବା ରାମାୟଣ ପୂର୍ବରୁ ସତ୍ୟ ଯୁଗରେ ଘୁମୁରା ଜନ୍ମ ନେଇଥିଲା; ତାହା ମଧ୍ୟ ନିଶ୍ଚିତ କରି କହିବା ସମ୍ଭବ ନୁହେଁ । ଯୁଦ୍ଧବାଦ୍ୟର ବିଭୀଷିକାମୟ ଶବ୍ଦ କଥା ଅନେକଙ୍କୁ ରାମାୟଣ ଓ ସତ୍ୟଯୁଗ ଆଡ଼କୁ ଟାଣିନେଇଥାଏ । କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡିଠାରେ ଥିବା କେତେକ ଚିତ୍ରକୀର୍ତ୍ତି, ଯୋଗୀମଠ ଗୁମ୍ଫାଚିତ୍ର, ଅର୍କକ୍ଷେତ୍ର କୋଣାର୍କର ପଥର କଳାକୃତି, ଭୁବନେଶ୍ୱରର ଭୀମେଶ୍ୱର ମନ୍ଦିର ଗାତ୍ର, କଟକ ଜିଲ୍ଲାର ନରାଜ ପାହାଡ଼ରେ ଚିତ୍ର ଓ କୀର୍ତ୍ତିରାଜି ଘୁମୁରାକୁ ସର୍ବପୁରାତନ ନୃତ୍ୟ ଭାବରେ ସୂଚାଉଛି । ମୋଟାମୋଟି ଭାବରେ କୁହାଗଲେ, ଘୁମୁରା କଳାହାଣ୍ଡିର ନିଜସ୍ୱ ପରିଚୟ ।

'ଘୁମୁରା' ମାଠିଆ ଆକୃତିର ବାଦ୍ୟବିଶେଷ । ଏହି 'ଘୁମୁରା' ବାଦ୍ୟର ଆଦିସ୍ରଷ୍ଟା ଚନ୍ଦ୍ରଧ୍ୱଜ କୁମ୍ଭକାର ବିଶ୍ୱନିୟନ୍ତାଙ୍କ ପରାମର୍ଶ କ୍ରମେ ବୀରବାଦ୍ୟକୁ ନିର୍ମାଣ କରିଥିଲେ ବୋଲି ଜନଶ୍ରୁତିରୁ ଜଣାପଡ଼େ । ଏହାର ବେକ ଭାଗ ଲମ୍ବା ଓ ପେଟ ଭାଗ ଗୋଲାକାର । ମୁହଁରେ ଗୋଧି ଚର୍ମର ଛାଉଣି ଦିଆଯାଇଥାଏ । ଦୁଇ ହାତରେ ଅଙ୍ଗୁଳି ଆଘାତ ଓ ଥାପ ଦ୍ୱାରା ଛାତି ଉପରେ ବାନ୍ଧି ବଜାନ୍ତି । 'ଘୁମୁରା' ର ସହଯୋଗୀ ବାଦ୍ୟବୃନ୍ଦ ହେଲା ନିଶାନ୍, ତାଳ ବା ଝାଞ୍ଜ ଓ କାହାଳୀ । 'ଘୁମୁରା' ନୃତ୍ୟର ବେଶଭୂଷା ସୈନିକର ବେଶପୋଷାକ ପରି, ଯଥା: ମୁଣ୍ଡରେ ଜରିଲଗା ପଗଡ଼ି, ପଗଡ଼ି ଉପରେ ମୟୂରଚୂଳ ବା ଟାୟା, କାନ୍ଧ ପାଖରୁ ପିଠି ତଳକୁ ଅଣ୍ଟା ପର୍ଯ୍ୟନ୍ତ ଝାଲର ଏବଂ ପରିଧାନ ପାଇଁ କଚ୍ଛା ଧୋତି । ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ସହ 'ଘୁମୁରା' ରୁ ପ୍ରକମ୍ପିତ ଶବ୍ଦ ଭିତରେ ଘନିଷ୍ଠ ସମ୍ପର୍କ ଯୋଡ଼ିହୋଇ ରହିଛି । ମା' ମାଣିକେଶ୍ୱରୀଙ୍କ 'ଛତର୍ ଯାତ୍ରା' ରେ ବୀରବାଦ୍ୟ' ଘୁମୁରା' ନୃତ୍ୟ ପରିବେଷଣ କରି ମା'ଙ୍କୁ ପାଛୋଟି ଅଣାଯାଇଥାଏ । ଆଜି କଳାହାଣ୍ଡିର ଗାଁ ଗାଁରେ ଘୁମୁରା ନୃତ୍ୟ ତା'ର ଆସ୍ଥାନ ଜମାଇ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିବାରେ ସକ୍ଷମ ହୋଇଛି ।

କଳାହାଣ୍ଡିଆ ବୀରବାଦ୍ୟ ଘୁମୁରା 'ପୋଏଲ ଉଆଁସ' ବା ଚିତାଲାଗି ଅମାବାସ୍ୟା ଦିନ ପୂଜାପାଠ କରାଯାଇଥାଏ । ଏହାପରେ ପଶ୍ଚିମ ଓଡିଶାର ମହାନ୍ ଗଣପର୍ବ 'ନୂଆଖାଇ' ଠାରୁ ଦଶହରାର ବିଜୟା ଦଶମୀ ପର୍ଯ୍ୟନ୍ତ ସର୍ବତ୍ର ପୁରପଲ୍ଲୀରେ ଘୁମୁରାର ଘୁମ୍ ଘୁମ୍ ଶବ୍ଦ ମଣିଷ ମନରେ ଉତ୍ସାହ ଉଦ୍ଦୀପନା ଜାଗ୍ରତ କରାଏ । ନୂଆଖାଇ ସରିବା ପରେ ନର୍ତ୍ତକ ଘୁମୁରା ବଜାଇ ଗ୍ରାମ ପରିକ୍ରମା କରିଥାନ୍ତି ।

ଆଦିକବି ସାରଳା ଦାସ ତାଙ୍କ ରଚିତ 'ସାରଳା ମହାଭାରତ' ରେ ଉଲ୍ଲେଖ କରିଛନ୍ତି ଯେ, ଦେବଦେବୀଙ୍କଦ୍ୱାରା ଯୁଦ୍ଧ ସମୟରେ ଘୁମୁରା ବାଦ୍ୟ ବ୍ୟବହାର ହେଉଥିଲା । ସାରଳା ମହାଭାରତ ଅନୁସାରେ ସତ୍ୟ ଯୁଗରେ ଜେନାବଳୀପାଟଣା ମହିଷାସୁରଙ୍କ ନାତି ଗୋସିଂହ ଦୈତ୍ୟଙ୍କ ରାଜଧାନୀ ଥିଲା । ଲୋକବିଶ୍ୱାସ ଅନୁସାରେ ସେତେବେଳର ଜେନାବଳୀପାଟଣା ବର୍ତ୍ତମାନର ଅସୁରଗଡ଼ । ସାରଳା ମହାଭାରତର ମଧ୍ୟ ପର୍ବରେ ଗୋସିଂହ ଦୈତ୍ୟର ହତ୍ୟା ସମୟରେ ଘୁମୁରା ବାଦ୍ୟ ବଜାଯିବା କଥା ଉଲ୍ଲେଖ ହୋଇଛି । ସାରଳା ଦାସ ଏହି ବାଦ୍ୟକୁ ମହିଷାସୁରଙ୍କ ରଣବାଦ୍ୟ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି ।








## ପୁରାଣ କିମ୍ବଦନ୍ତୀରେ 'ଘୁମୁରା'

'ବାଜଇ ଦମ କାହାଳୀ ଦାଉଣ୍ଡି ଘୁମୁରା
କାଦମ୍ବରୀ ପାନକରି ନାଚନ୍ତି ଅସୁରା ।'

'ଘୁମୁରା' ନୃତ୍ୟରେ ସ୍ୱତନ୍ତ୍ରତା ରହିଛି । ଗୀତଗୁଡ଼ିକ ମୁଖ୍ୟତଃ ଓଡ଼ିଶୀ ଛାନ୍ଦ ଓ ଚୌପଦୀ ଶୈଳୀରେ ରଚିତ । ଘୁମୁରା ଗୀତରେ ବୀର ଓ ଶୃଙ୍ଗାର ରସର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିବା ବେଳେ ବିଭିନ୍ନ ତାଳର ବାଦ୍ୟ ଓ ନୃତ୍ୟଭଙ୍ଗୀ ପରିବେଷିତ ହୋଇଥାଏ । ୧୯୬୦, ୧୯୬୧ ଓ ୧୯୬୨ ମସିହାରେ କଳାହାଣ୍ଡିର ଘୁମୁରା ଦଳ ପ୍ରଥମକରି ଭାରତର ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଅଂଶଗ୍ରହଣ କରି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରିୟଭାଜନ ହୋଇପାରିଥିଲେ । ୧୯୮୧ ମସିହାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀ ପ୍ରତିଷ୍ଠା କରାଯାଇଥିଲା । ସେହିପରି ୧୯୮୨ ରେ ନବମ ଏସିଆଡ କ୍ରୀଡ଼ା ପ୍ରତିଯୋଗିତାରେ ଘୁମୁରା କଳାକାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ, ୧୯୮୮ ରେ ସୋଭିଏତ ରୁଷରେ ଭାରତ ମହୋତ୍ସବରେ ରୁଷର ବିଭିନ୍ନ ରାଜ୍ୟ ଘୁମୁରା ନୃତ୍ୟ ପରିବେଷଣ, ୧୯୯୭ ମସିହାରେ ଦିଲ୍ଲୀ ଠାରେ ଜାତୀୟ ଲୋକନୃତ୍ୟ ଉତ୍ସବରେ ପୁରସ୍କୃତ, ୧୯୯୯ ମସିହାରେ ୧୮୫ଜଣ ଶିଶୁ ଘୁମୁରା ଶିଳ୍ପୀଙ୍କ ନୂଆଦିଲ୍ଲୀ ଗଣତନ୍ତ୍ର ଦିବସ ପ୍ୟାରେଡରେ ଯୋଗଦାନ, ୨୦୧୦ ମସିହାରେ ଭୋପାଳ ଠାରେ ରାଷ୍ଟ୍ରୀୟ ଲୋକନୃତ୍ୟ ଉତ୍ସବରେ ଘୁମୁରା ଶ୍ରେଷ୍ଠ ବିବେଚିତ ହୋଇ କଳାହାଣ୍ଡି ମାଟିକୁ ଗୌରବାନ୍ୱିତ କରିଛି । ଚୀନ୍, ଜାପାନ, ଲଣ୍ଡନ, ଦୁବାଇ, ବ୍ୟାଙ୍କକ ଆଦି ସ୍ଥାନରେ ଘୁମୁରା ନୃତ୍ୟ ପରିବେଷଣ ହୋଇ ଉଚ୍ଚପ୍ରଶଂସିତ ହୋଇଛି । ଏପରିକି ଘୁମୁରା ନୃତ୍ୟରେ ଗବେଷଣା କରି କଳାକାରମାନେ ଜାତୀୟ ସ୍ତରରେ ଫେଲୋସିପ୍ ପାଇଛନ୍ତି ।

ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଘୁମୁରାର ସ୍ଥିତି ଓ ପ୍ରଗତିକୁ ସୁଦୃଢ କରିବାକୁ ହେବ । ସେଥିଲାଗି ଆଜି ସମସ୍ତଙ୍କୁ ବାସ୍ତବବାଦୀ ହେବାକୁ ପଡ଼ିବ । କେବଳ ପାରମ୍ପାରିକ ନୁହେଁ, ଆଧୁନିକ ଜୀବନଶୈଳୀରେ ମଧ୍ୟ ସବୁ ପ୍ରକାର ସୁବିଧା ଓ ସୁଯୋଗ ଉପଲବ୍ଧ ହେବା ଜରୁରୀ । କଳାହାଣ୍ଡି ଲୋକନୃତ୍ୟ ଧାରାରେ ଆଜି ବି ଗ୍ରାମାଞ୍ଚଳ ଗୁଡ଼ିକରେ ଡାପ୍, ମାଦଳି, ଦଣ୍ଡାରୀ, ବନାବାଡ଼ି ଆଦି ପରିବେଷଣ ହେଉଥିବା ଦେଖିବାକୁ ମିଳେ । କଳାହାଣ୍ଡି ଜିଲ୍ଲାର ଲୋକନୃତ୍ୟ ଗୁଡିକର ରୂପସଜ୍ଜା ଓ ସଙ୍ଗୀତ ଏକାନ୍ତ ମୌଳିକ । ଏଗୁଡ଼ିକର ବିଧିବଦ୍ଧ ବିକାଶ ସଙ୍ଗେସଙ୍ଗେ ନୃତ୍ୟଶିଳ୍ପୀ ମାନଙ୍କୁ ପ୍ରୋତ୍ସାହନ ଦିଆଗଲେ ଏହାର ମୌଳିକ ସ୍ୱରୂପ ଅକ୍ଷୁଣ୍ଣ ରହିପାରିବ ।









## କଳାହାଣ୍ଡିର ଲୋକନୃତ୍ୟ - ବଜାଶାଲିଆ





ସେହିଭଳି କଳାହାଣ୍ଡିର ଗର୍ବ ଗୌରବର ସ୍ୱାକ୍ଷର ବହନ କରିଥିବା ବଜାଶାଲିଆ ନୃତ୍ୟ କଳାହାଣ୍ଡିରୁ ଯାଇ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି । ଲୋକଗୀତ, ଲୋକବାଦ୍ୟ ଓ ଲୋକନୃତ୍ୟ ବଜାଶାଲିଆର ମୁଖ୍ୟ ଅଂଶବିଶେଷ । କଳାହାଣ୍ଡି ସଂସ୍କୃତି ଘୁମୁରା ପରେ ବଜାଶାଲିଆ ନୃତ୍ୟର ଉତ୍କର୍ଷତା ଆଜି ସମଗ୍ର ବିଶ୍ୱର ଅଧିକାଂଶ ଦେଶ ଦେଖିପାରିଛି । ଯେଉଁ ସ୍ଥାନରେ ବଜନିଆ ମାନେ ବସି ବଜା ବଜାଇଥାନ୍ତି ସେହି ସ୍ଥାନକୁ 'ବଜାଶାଲ' କହିଥାନ୍ତି । ଅନ୍ୟ ପକ୍ଷରେ ବିବାହ ଉତ୍ସବାଦିରେ ତଥା ସାମାଜିକ ପର୍ବରେ ବଜାଶାଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବିବାହ ଉତ୍ସବରେ ବଜାବସା ଭଳି ଏକ ବିଧି ମଧ୍ୟ ଏହି ବଜାଶାଲିଆ ନୃତ୍ୟ ସହ ସଂଯୋଗ ହୋଇ ରହିଛି । ବଜାଶାଲିଆ କେବଳ ବିବାହ ଉତ୍ସବ କିମ୍ବା ଅନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭିତରେ ନିଜକୁ ପ୍ରତିପାଦିତ କରି ଜନମୁଖରେ ପ୍ରଶଂସାର ଶିଖର ଛୁଇଁଛି । ନୃତ୍ୟର କଳାତ୍ମକ ଦିଗ ଧାଙ୍ଗଡ଼ା ଧାଙ୍ଗଡ଼ିଙ୍କ ଆଖିର ଠାଣି ଏବଂ ପାଦର ଯାଦୁକାରୀ ଚମକ ଲାଗି ଲଣ୍ଡନ ଓ ଦୁବାଇ ଯିବା ସଙ୍ଗେ ସଙ୍ଗେ ଜାପାନରେ ମଧ୍ୟ ନୃତ୍ୟ ପରିବେଷଣ କରି କଳାହାଣ୍ଡି ମାଟିର ଖ୍ୟାତି ବଢାଇଛି । ଦିଲ୍ଲୀର ପରେଡ୍ ପଡ଼ିଆ ହେଉ କି ଭୁବନେଶ୍ୱରର ଯେକୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ବଜାଶାଲିଆ ଏକ ସ୍ୱତନ୍ତ୍ର ସ୍ଥାନ ରଖିବାରେ ସୁନିଶ୍ଚିତ କରିଥାଏ । ଏହି ନୃତ୍ୟରେ ଢୋଲ, ନିଶାନ୍, ତାସା ବ୍ୟବହାର ହୋଇଥାଏ । ଏଥିରେ ବ୍ୟବହୃତ ହେଉଥିବା ଗୀତରେ ଟାହିଟାପରା ସହିତ ଶୃଙ୍ଗାର ରସଭିତ୍ତିକ ସଙ୍ଗୀତ ପରିବେଷଣ କରାଯାଇଥାଏ । ବାଦ୍ୟର ତାଳେତାଳେ ଓ ସଙ୍ଗୀତର ଅପୂର୍ବ ଝଙ୍କାରରେ ଧାଙ୍ଗଡ଼ାଧାଙ୍ଗଡ଼ିମାନେ ବିଭିନ୍ନ ଭଙ୍ଗୀରେ ନୃତ୍ୟ ପରିବେଷଣ କରିଥାନ୍ତି । ପରସ୍ପର ଅଣ୍ଟା ଭିଡ଼ି ଅର୍ଦ୍ଧବୃତ୍ତାକାର ହୋଇ ଆଗକୁ ପଛକୁ ନଇଁ ନୃତ୍ୟ କରିଥାନ୍ତି । ଢୋଲିଆ ନୃତ୍ୟଶିଳ୍ପୀମାନଙ୍କୁ ନିଜ ବାଦ୍ୟ କଳାରେ ନଚାଇ ଆଉ ଟିକେ ମସଗୁଲ କରିଦିଅନ୍ତି । ଏହି ନୃତ୍ୟଶିଳ୍ପୀମାନଙ୍କ ମଧ୍ୟରେ ଧାଙ୍ଗଡ଼ା ବା ଯୁବଶିଳ୍ପୀମାନେ ଧୋତି, ଗାମୁଛା, ପଗଡି, ବାହୁଟି, ଅଣ୍ଟା ଭିଡ଼େନ୍ ଆଦି ପରିଧାନ କରୁଥିବାବେଳେ ଧାଙ୍ଗଡ଼ି ବା ଯୁବତୀ ମାନେ ଶାଢ଼ି, ଚୁଡ଼ି, ମାଳି, ପାଉଁଜି, ଚୁଟକି, କତ୍ରିଆ, ବନ୍ଦ୍ରିଆ, ଖଡୁ, ଟଙ୍କାମାଳି, ପାନପତ୍ରୀ, ପଇଁରି, ଖର୍ଲା ପ୍ରଭୃତି ଅଳଙ୍କାର ପରିଧାନ କରି ଦର୍ଶକଙ୍କ ମନକୁ ଛୁଇଁ ପାରିଥାନ୍ତି ।



## ମୋ ନିଜସ୍ୱ ଅନୁଭବରୁ ପଦେ...



ମୋ ପାଇଁ ସେ ଦିନଟି ଅତି ମୂଲ୍ୟବାନ ଓ ସ୍ମରଣୀୟ ମୁହୂର୍ତ୍ତଟିଏ ଥିଲା । ୧୯୮୭ ମସିହାର କଥା, ମାର୍ଚ୍ଚ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଫିକି ଅଡିଟୋରୀୟମରେ ଜାତୀୟ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେଉଥାଏ । ଘୁମୁରା ଲୋକନୃତ୍ୟ ଏହି ସର୍ବଭାରତୀୟ ଉତ୍ସବରେ ଅଂଶ ଗ୍ରହଣ କରିଥିଲା । ଘୁମୁରାର ଘୁମ୍ ଘୁମ୍ ଶବ୍ଦ ଏବଂ ନିଶାନ ବାଦ୍ୟର ଗୁରୁଗମ୍ଭୀର ନିନାଦ ଅଡିଟୋରିୟମକୁ ପ୍ରକମ୍ପିତ କରି ଦେଇଥାଏ । ଘୁମୁରା ନୃତ୍ୟ ଜାତୀୟ ଉତ୍ସବର ୩ଦିନ ଧରି ପରିବେଷଣ ହେବା ସଙ୍ଗେ ସଙ୍ଗେ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହୋଇଥିଲା । ସମସ୍ତଙ୍କ ମୁହଁରେ ଘୁମୁରା ନୃତ୍ୟର ପ୍ରଶଂସା । ସୋଭିଏତ ଋଷ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଉତ୍ସବରେ ଘୁମୁରା ନୃତ୍ୟ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଥିଲା । ଘୁମୁରା ନୃତ୍ୟ ପାଇଁ ଅଶୀଦଶକ ହିଁ ଶୁଭଙ୍କର ସମୟ ଥିଲା କହିଲେ କିଛି ଭୁଲ ହେବନାହିଁ । ୧୯୮୨ ମସିହାରେ ନବମ ଏସିଆ କ୍ରୀଡ଼ା ପ୍ରତିଯୋଗିତାରେ ଉଦ୍‌ଘାଟନୀ ଉତ୍ସବରେ ଅବିଭକ୍ତ କଳାହାଣ୍ଡିର ୨୫୦ ଜଣ କଳାକାରଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିବା ବେଳେ ୧୯୮୭ ମସିହାରେ ସୋଭିଏତ ରୁଷଠାରେ ଅନୁଷ୍ଠିତ ହୋଇଥିବା ଭାରତ ଉତ୍ସବରେ ମଧ୍ୟ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ୧୯୮୨ ଏବଂ ୧୯୮୭ ରେ ଘୁମୁରା ନୃତ୍ୟକୁ ଆନ୍ତର୍ଜାତିକସ୍ତରରେ ପହଞ୍ଚାଇବାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଅନୁଷ୍ଠାନର ସଭାପତିଭାବେ ମୁଁ ଏହାର ନେତୃତ୍ୱ ନେଇ ଆଜି ଗର୍ବିତ ।

-ଜୟନ୍ତ ବେହେରା
ପୂର୍ବତନ ସଭାପତି, ମହାବୀର ସାଂସ୍କୃତିକ ଅନୁଷ୍ଠାନ



## ସେମାନେ କ'ଣ କୁହନ୍ତି



ଲୋକଜୀବନ ଓ ଲୋକନୃତ୍ୟ ପରମ୍ପରା ଏକ ଓ ଅଭିନ୍ନ । ପରସ୍ପର ପ୍ରେରଣାଦାୟୀ ଓ ପ୍ରକାଶର ଅପୂର୍ବ ସଙ୍ଗମ କହିଲେ ଉଚିତ ହେବ । କଳାହାଣ୍ଡିର ଲୋକନୃତ୍ୟ ବିଶେଷ କରି ଘୁମୁରା, ବଜାଶାଲ୍, ଡାପ୍, ମାଦଲି, ବନାବାଡ଼ି ଆଦି ସ୍ୱତନ୍ତ୍ର ପରିଚୟ ବହନ କରିଛି । କଳାହାଣ୍ଡିର ଲୋକନୃତ୍ୟକୁ ଆହୁରି ନିଖୁଣ କରି ଜନାଭିମୁଖୀ ଲୋକାଦୃତ କରିବା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମା ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିଛି ଏବଂ ବନାବାଡ଼ିକୁ କଳାହାଣ୍ଡିର ବିଭିନ୍ନ ବ୍ଲକ ଯଥା ଜୁନାଗଡ଼, ଗୋଲାମୁଣ୍ଡା ଏବଂ କୋକସରା ଆଦି ବ୍ଲକରେ ପ୍ରୋତ୍ସାହନ ଦେବାପାଇଁ 'ଦୀକ୍ଷାନ୍ତ' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଛି । ଆଗାମୀ ଦିନରେ ବନାବାଡ଼ି କଳାକାର, ଘୁମୁରା କଳାକାରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ସହ ଯୁବ ପ୍ରତିଭାମାନଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ଏକାଡେମୀ ଏବଂ ମୁଁ ବ୍ୟକ୍ତିଗତ ଭାବରେ ପଦକ୍ଷେପ ନେବି ।

-ପ୍ରବୋଧ ରଥ
ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ



ଲୋକ ସଂସ୍କୃତି ଓ ଲୋକନୃତ୍ୟକୁ ଜୀବନର ଆଧାର ଭାବି ପିଲାଟି ଦିନରୁ ମୁଁ ବାପାଙ୍କଠାରୁ ପ୍ରେରଣା ପାଇ ଜଣେ ବିଶିଷ୍ଟ ଘୁମୁରା ଗୁରୁ ସ୍ଥାନରେ ପହଞ୍ଚି ପାରିଛି । ନବମ ଶ୍ରେଣୀ ସମୟରୁ ମୁଁ ଘୁମୁରା ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲି । ଜାମ୍ମୁ ଠାରୁ କନ୍ୟାକୁମାରୀ, ମୁମ୍ବଇରୁ ଆଣ୍ଡାମାନ, ଆସାମ, କୋଲକାତା, ସିଲିଗୁଡ଼ି, କଲମ୍ବୋ ଏବଂ ଥାଇଲାଣ୍ଡ, ରୁଷିଆ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ଘୁମୁରା ପରିବେଷଣ କରିବାର ସୁଯୋଗ ଲାଭ କରିଛି । କଳାହାଣ୍ଡି ଉତ୍ସବ ବେଳେ ଗୋଟିଏ ବର୍ଷ ମାରାଥନ ଘୁମୁରାରେ ନିଜର ସମ୍ପୃକ୍ତି ହେଉ କି ଏସିଆଡ଼ ଯିବା ପାଇଁ ନିଜର ପ୍ରସ୍ତୁତି ମୋ ଜୀବନର ଗୋଟିଏ ଗୋଟିଏ ଅଭୁଲା ଓ ଅମୃତ ମୁହୂର୍ତ୍ତ । ଜିଲ୍ଲାରେ ଶିଶୁ ଘୁମୁରା ଶିଳ୍ପୀଙ୍କ ମନରେ ନୃତ୍ୟପ୍ରତି ଅହେତୁକ ଆଗ୍ରହ ପରିଲକ୍ଷିତ ହୋଇପାରିଛି । ଯଦି ସରକାରଙ୍କ ଏ ଦିଗରେ ଅଧିକ ଦୃଷ୍ଟିଦେଲେ ବହୁ ତରୁଣ କଳାକାର ଦେଶ ତଥା ବିଶ୍ୱରେ ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ।

-ଚୈତନ୍ୟ ରାଉତ
ଘୁମୁରା ଗୁରୁ, ମା' ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର



ଦେଶ ଏବଂ ଦେଶ ବାହାରେ ପ୍ରସିଦ୍ଧି ଓ ପ୍ରଶସ୍ତି ଲାଭ କରିଥିବା ଲୋକନୃତ୍ୟ ବଜାଶାଲିଆର ମୁଁ ଜଣେ ନୃତ୍ୟଶିଳ୍ପୀ । ଦିଲ୍ଲୀ ଦରବାରରେ ଏବଂ ଜାପାନ ଭଳି ଦେଶରେ ନୃତ୍ୟ ପରିବେଷଣ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ବିଶେଷକରି ଏହାର ବାଦ୍ୟଯନ୍ତ୍ର ଓ ନୃତ୍ୟ ଶୈଳୀ ଦର୍ଶକଙ୍କୁ ନାଚିବା ପାଇଁ ବାଧ୍ୟ କରିଥାଏ । ଜାପାନର ଟୋକିଓରେ ନୃତ୍ୟ ପରିବେଷଣ ସମୟରେ ସେଠାକାର ଅଧିବାସୀମାନେ ଯଦିଓ ଆମ ଭାଷା ବୁଝୁ ନ ଥିଲେ, ସଙ୍ଗୀତର ତାଳ ଓ ବାଦ୍ୟର ଝଙ୍କାର ଶବ୍ଦରେ ଅସମ୍ଭାଳ ହୋଇ ନାଚି ଉଠିଥିଲେ । ସେତେବେଳେ କଳାହାଣ୍ଡିଆ ହିସାବରେ ଏତେ ଗର୍ବ ଅନୁଭବ ହେଲା ଯେ, ତାହା କହିବା ସହଜ ନୁହେଁ । କଳହାଣ୍ଡିର ପରିଚୟ ରୂପେ ବଜାଶାଲ ଏକ ସାଂସ୍କୃତିକ ସେତୁ ପାଲଟିଯାଉ ଏତିକି କାମନା ।

-ନୀହାରିକା ନାୟକ
ନୃତ୍ୟଶିଳ୍ପୀ, ବଜାଶାଲିଆ



ଘୁମୁରା ହଜାର ହଜାର ବର୍ଷ ପୂର୍ବରୁ ପ୍ରଚଳିତ ହୋଇଛି । ବର୍ତ୍ତମାନ ଏହା ସାରା ଭାରତବର୍ଷ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଘୁମୁରା ନୃତ୍ୟ ପରିବେଷଣ ହୋଇ ସମସ୍ତଙ୍କ ହୃଦୟ ଜିଣିଛି । ଘୁମୁରା ଅତୀତରେ ଯାହା ଗୌରବ ଥିଲା, ବର୍ତ୍ତମାନ ମଧ୍ୟ ତାହା ଅଛି । ଘୁମୁରା କେମିତି ଆହୁରି ସୁନ୍ଦର୍ ଭାବରେ ପରିବେଷଣ, ପ୍ରସାର ଓ ବ୍ୟାପ୍ତ ହେବ, ତା ପ୍ରତି ନଜର ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରେ ଘୁମୁରା ତାଲିମ୍ କେନ୍ଦ୍ର ଆରମ୍ଭ ହୋଇଛି । ଘୁମୁରାର ମୂଳ ବାଦ୍ୟଯନ୍ତ୍ର ନିର୍ମାଣ କରିବାପାଇଁ ଏକ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା ହେଲେ ଅନେକ କଳାକାର ଉପକୃତ ହେବା ସହ ଘୁମୁରା ପ୍ରତି ଆକର୍ଷିତ ହୁଅନ୍ତେ ।

-ପ୍ରଭାସ ଚନ୍ଦ୍ର ମିଶ୍ର
ଚିତ୍ରଶିଳ୍ପୀ ତଥା ସଂସ୍କୃତିପ୍ରେମୀ



ବର୍ତ୍ତମାନ କଳାହାଣ୍ଡିର ଲୋକନୃତ୍ୟକୁ ଅବଲୋକନ କଲେ ଘୁମୁରା ଓ ବଜାଶାଲିଆ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ସହିତ ଦେଶ ଏବଂ ବିଦେଶରେ କଳାହାଣ୍ଡି ପାଇଁ ଗର୍ବ ଓ ଗୌରବର କାରଣ ସାଜିଛନ୍ତି । ବଜାଶାଲ ନୃତ୍ୟରେ ବ୍ୟବହୃତ ହେଉଥିବା ଗୀତଗୁଡିକ ଶୃଙ୍ଗାର ରସାତ୍ମକ । ବାଦ୍ୟର ତାଳେ ତାଳେ ଗୀତର ସୁର ଅନୁସାରେ ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ହୃଦୟ ଖୋଲା ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଲୋକନୃତ୍ୟ ହେଉଛି ଆମ କଳାହାଣ୍ଡିର ସାଂସ୍କୃତିକ ସମ୍ପତ୍ତି ଓ ପରିଚୟ । ଆଜିର ଉଗ୍ର ଆଧୁନିକ ମଞ୍ଚ ସାମ୍ନାରେ ଏହି ନୃତ୍ୟକୁ ସୁରକ୍ଷା ଦେବାର ସମୟ ଆସିଛି । ସରକାରଙ୍କ ପ୍ରଚେଷ୍ଟା ଦ୍ୱାରା କଳାହାଣ୍ଡିରେ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ଭଳି ବଜାଶାଲ ଲୋକନୃତ୍ୟ ଏକାଡେମୀ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ।

-ଧାନାନନ୍ଦ ପଣ୍ଡା
ଅଧ୍ୟକ୍ଷ, ପ୍ରତିଭା ନୃତ୍ୟାନୁଷ୍ଠାନ



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୮ ● ପାଉଣ୍ଡ ୧୦୪.୨୧
- ୟୁରୋ ୮୯.୪୩ ● ୟେନ୍ ୦.୫୪

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୦୦୦ (ନୂଆଦିଲ୍ଲୀ)
- ରୁପା : ୮୮,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୦୮୮.୦୦
- ନିଫ୍ଟି ୨୨,୧୪୭.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

ସୁରଟ ଏପିଏମ୍‌ସିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଚାଷ ଜମିରେ ନିର୍ମାଣ ହୋଇଛି ମଲ୍-ହୋଟେଲ

**ନୂଆଦିଲ୍ଲୀ, ୨୦।୪(ଏଜେନ୍ସି):** ସୁରଟର ଅଗ୍ରିକଲ୍‌ଚରର ପ୍ରଡ୍ୟୁସ ମାର୍କେଟିଂ କମିଟି (ଏପିଏମ୍‌ସି) ନିଜ ଜମିରେ ମଲ୍ ଏବଂ ପଞ୍ଚ ତାରକା ହୋଟେଲ ନିର୍ମାଣ କରିଛି। ଏ କ୍ଷେତ୍ରରେ ହୋଇଥିବା ବଡ଼ ଦୁର୍ନୀତି ଏବେ ପଦାକୁ ଆସିଛି। ଏହାକୁ ନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ ଏବଂ ଜଷ୍ଟିସ ଜେବି ପାରଦିୱାଲାଙ୍କ ଖଣ୍ଡପୀଠ ଏପିଏମସିକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଚାଷୀଙ୍କ ମଙ୍ଗଳ ପାଇଁ ଗୁଜରାଟ ସରକାର ୧୯୬୦ରେ ଅଧିଗ୍ରହଣ କରିଥିବା ଏହି ଜମିରେ ନିର୍ମାଣକୁ ନେଇ ସୁରତ ଏପିଏମ୍‌ସିକୁ ସମାଲୋଚନା କରି କହିଛନ୍ତି ଯେ ସର୍ବାଧିକ ଲାଭ ଆଶାରେ କରାଯାଇଥିବା ଏହା ସବୁଠାରୁ ବଡ଼ ଦୁର୍ନୀତି। ଅତିରିକ୍ତ ଭାବେ ମିଳିଥିବା ଜମିରେ ଏପିଏମସି କେମିତି ମଲ୍ ଏବଂ ହୋଟେଲ ନିର୍ମାଣ କଲା। କେଉଁ ନିୟମ ଅନୁଯାୟୀ ଏହି ନିର୍ମାଣ କରାଯାଇଥିଲା ବୋଲି କୋର୍ଟ ପଚାରିଛନ୍ତି। ଏପିଏମ୍‌ସି ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ ଏହା ସଂସ୍ଥାର ଜମି। ରାଜସ୍ୱ ପାଇଁ ଏହାକୁ ଯେକୌଣସି କାର୍ଯ୍ୟରେ ବ୍ୟବହାର କରିବା ସଂସ୍ଥାର ସ୍ୱାଧୀନ ଅଧିକାର। ଏହି ଜମି ଏବଂ ସମ୍ପତ୍ତିକୁ ଅଧିଗ୍ରହଣ କରିବା ପାଇଁ ଗୁଜରାଟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କେମିତି ନିର୍ଦ୍ଦେଶ ଦେଇପାରିବେ। ସେହିପରି ହୋଟେଲ ନିର୍ମାଣ ଅନୁମତି ପାଇବା ନିମନ୍ତେ କୌଣସି ଅନିୟମିତତା ହୋଇନାହିଁ ବୋଲି ଏହାର ପରିଚାଳକଙ୍କ ଓକିଲ ନିଧେଶ ଗୁପ୍ତା କହିଥିଲେ। ପୂର୍ବରୁ କୃଷକଙ୍କ ମଙ୍ଗଳ ପାଇଁ ମିଳିଥିବା ଜମିରେ ନିର୍ମାଣକୁ ହାଇକୋର୍ଟ ବେଆଇନ କହିଥିଲେ। ହୋଟେଲ ନିର୍ମାଣ ଅନୁମତି ଦେବାରେ ଅନିୟମିତତା ହୋଇଥିବା ଅନୁଧ୍ୟାନ କରିଥିଲେ। ତେଣୁ ଉଭୟ ଏପିଏମ୍‌ସି ଏବଂ ହୋଟେଲ ଲିଜ୍‌ଧାରକଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ସମ୍ପତ୍ତି ନିଲାମ କରି ଅର୍ଥକୁ ରାଜ୍ୟର ମାର୍କେଟ ପାଣ୍ଠିରେ ଜମା କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ହୋଟେଲ ଏବଂ ମଲ୍‌ରେ ଚାଷୀଙ୍କ କଲ୍ୟାଣ ପାଇଁ କୌଣସି କାର୍ଯ୍ୟ କରାଯାଉନାହିଁ ଦାବି କରି ଜଣେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୃଷି ଉପରେ ସଂସଦୀୟ ସ୍ଥାୟୀ କମିଟି ୨୦୧୯ ଡିସେମ୍ବରରେ ଦେଇଥିବା ରିପୋର୍ଟ ସହ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ମେଳ ଖାଉଛି। ୟୁପି ଏବଂ ପଞ୍ଜାବ ବ୍ୟତୀତ ସମଗ୍ର ଭାରତରେ କୃଷକଙ୍କ ସୁବିଧା ପାଇଁ ଏପିଏମସି ଯେଉଁଭଳି ଭାବେ କାର୍ଯ୍ୟ କରୁଛି ତାହାକୁ କମିଟି କଡ଼ା ସମାଲୋଚନା କରିଥିଲା। ଏପିଏମସି ଆଇନରେ ସଂଶୋଧନ କରିବାକୁ ସୁପାରିସ କରିଥିଲା।

# ଭାରତ ଆସିବେନି ଏଲନ୍ ମସ୍କ

- ୨୧ରେ ଭାରତ ଗସ୍ତରେ ଆସିବାର ଥିଲା
- ମସ୍କଙ୍କର ୩ ବିଲିୟନ ଡଲାର ନିବେଶ ଯୋଜନା ଥିଲା
- ଚଳିତ ବର୍ଷ ଶେଷ ଭାଗରେ ଭାରତ ଆସିବେ
- ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ କରିଛନ୍ତି ପୋଷ୍ଟ

ନୂଆଦିଲ୍ଲୀ,୨୦।୪(ଏଜେନ୍ସି)



ସ୍ପେସ୍ ଏକ୍ସ ଏବଂ ଟେସଲା ମାଲିକ ଏଲନ୍ ମସ୍କଙ୍କ ଭାରତ ଗସ୍ତ ଏବେ ସ୍ଥଗିତ ହୋଇଛି। ବର୍ତ୍ତମାନ ସେ ଚଳିତବର୍ଷ ଶେଷ ଆଡକୁ ଭାରତ ଆସିବେ ବଶେଲି କହିଛନ୍ତି। ମାଇକ୍ରୋବ୍ଲଗିଂ ସାଇଟ୍‌ରେ ଏକ ପୋଷ୍ଟ ଜରିଆରେ ମସ୍କ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏଲନ୍ ମସ୍କ ଚଳିତମାସ ୨୧ ଏବଂ ୨୨ରେ ଦୁଇ ଦିନିଆ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିଲା। ହଠାତ୍ ମସ୍କଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ରଦ୍ଦ ହୋଇଛି। ଖବର ଅନୁଯାୟୀ, ମସ୍କ ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ଥିଲା। ଏହା ବ୍ୟତୀତ ଟେସଲା ସିଇଓ ଏବଂ ତାଙ୍କ ଟିମ୍ ସରକାରୀ କର୍ମଚାରୀ ଏବଂ ଶିଳ୍ପ ପ୍ରତିନିଧୀମାନଙ୍କୁ ଭେଟିବା ପାଇଁ ଦିନ ସ୍ଥିର ହୋଇଥିଲା। ଏହା ପୂର୍ବରୁ ଖୋଧ୍ ମସ୍କ ଏପ୍ରିଲ ୧୦ରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର କରିଥିଲେ। ସେଥିରେ ସେ ଏପ୍ରିଲ ୨୧ ଏବଂ ୨୨ରେ ଭାରତ ଗସ୍ତରେ ଆସୁଥିବା ନେଇ ସୂଚନା ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ମୋଦୀ ମସ୍କଙ୍କ ମଧ୍ୟରେ ଏ ପର୍ଯ୍ୟନ୍ତ ଦୁଇଥର ସାକ୍ଷାତ ହୋଇଛି। ଉଭୟେ ୨୦୧୫ରେ କାଲିଫର୍ଣ୍ଣିଆର ଟେସ୍‌ଲା କାରଖାନାରେ ଭେଟାଭେଟି ହୋଇଥିଲେ। ଏହାପରେ ୨୦୨୩ ଜୁନ୍ ରେ ଦୁହେଁ ନ୍ୟୁୟର୍କରେ ସାକ୍ଷାତ ହୋଇଥିଲେ। ଯଦି ଗସ୍ତ ବାତିଲ ହୋଇ ନ ଥାନ୍ତା ତେବେ ଏହା ମସ୍କଙ୍କର ପ୍ରଥମ ଭାରତ ଗସ୍ତ ହୋଇଥାନ୍ତା। ଗସ୍ତ ସମୟରେ ମସ୍କ ଭାରତରେ ଟେସଲାର ଉତ୍ପାଦନ କାରଖାନା ସମ୍ପର୍କରେ ଘୋଷଣା କରିଥାନ୍ତେ। ମସ୍କ ଭାରତରେ ୨-୩ ବିଲିୟନ ଡଲାର ଅର୍ଥ ବିନିଯୋଗ କରିବା ସମ୍ପର୍କରେ ଯୋଜନା ଘୋଷଣା କରିବେ। ଟେସଲା କେବଳ ଭାରତ ପାଇଁ କାର ଉତ୍ପାଦନ କରିବାକୁ ଚାହୁଁନାହିଁ, ବରଂ ଏଠାରୁ ବିଶ୍ୱ ବଜାରକୁ ରପ୍ତାନି କରିବାକୁ ଚାହୁଁଛି। ଏହା ବ୍ୟତୀତ ମସ୍କ ମଧ୍ୟ ଶୀଘ୍ର ଉପଗ୍ରହ ଭିତ୍ତିକ ବ୍ରଡବ୍ୟାଣ୍ଡ ସେବା ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଷ୍ଟାରଲିଙ୍କ ପାଇଁ ନିୟାମକ ଅନୁମୋଦନ ଶେଷ ପର୍ଯ୍ୟାୟରେ ରହିଛି। କମ୍ପାନୀ ଶୀଘ୍ର ଲାଇସେନ୍ସ ପାଇବ ବୋଲି ଆଶା କରାଯାଉଛି। ମସ୍କ ଚଳିତ ସପ୍ତାହରେ 'ଏକ୍ସ' ଏକ ପୋଷ୍ଟ ଜରିଆରେ କହିଥିଲେ ଯେ ଭାରତରେ ଇଲେକ୍ଟ୍ରିକ୍ କାର ନିର୍ମାଣ ହେବା ଉଚିତ, ଯେପରି ଅନ୍ୟ ଦେଶରେ ହେଉଛି। ଭାରତରେ ଟେସଲା ବୈଦ୍ୟୁତିକ ଯାନ ଉପଲବ୍ଧ କରାଇବା ଜରୁରୀ ହୋଇପଡିଛି। ଅପରପକ୍ଷେ ମସ୍କ ଭାରତକୁ ଯେଉଁ ସମୟରେ ଆସିବାକୁ ଯୋଜନା କରିଥିଲେ ସେହି ସମୟରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେଉଛି। ବର୍ତ୍ତମାନ ଆମେରିକା ଏବଂ ଚାଇନାର ବଜାରରେ ଇଭି ଚାହିଦା ହ୍ରାସ ପାଇଛି। ଚାଇନାର ଯାନବାହାନରୁ ଟେସଲା ମଧ୍ୟ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି।

# ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ଏନସିଏମସି ଡେବିଟ୍, ପ୍ରିପେଡ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୦।୪(ସମିସ)




ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ଏହାର ପରିବେଶ ଅନୁକୂଳ ଏନସିଏମସି (ନ୍ୟାଶନାଲ କମନ ମୋବିଲିଟି କାର୍ଡସ) ସକ୍ଷମ ଡେବିଟ୍ ଓ ପ୍ରିପେଡ୍ କାର୍ଡର ଶୁଭାରମ୍ଭ କରାଯାଇଛି। ରୁପେ ଦ୍ୱାରା ପରିଚାଳିତ ଏହି ଇଂଟରଅପରେବୁଲ କାର୍ଡଗୁଡିକୁ ଉନ୍ମୋଚନ କରିବା ପାଇଁ ଏହି ବ୍ୟାଙ୍କ ନ୍ୟାଶନାଲ ପେମେଂଟ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନପିସିଆଇ) ସହ ସହଭାଗିତା କରିଛି। ବ୍ୟାଙ୍କ ଏହାର ସେଭିଂସ ଆକାଉଣ୍ଟ ଗ୍ରାହକଙ୍କ ପାଇଁ ଏନସିଏମସି ସକ୍ଷମ ଡେବିଟ କାର୍ଡ ଏବଂ ୱାଲେଟ ଗ୍ରାହକଙ୍କ ପାଇଁ ଏନସିଏମସି ସକ୍ଷମ ପ୍ରିପେଡ କାର୍ଡର ଶୁଭାରମ୍ଭ କରିଛି। ଉଭୟ କାର୍ଡକୁ ପରିବେଶ ଅନୁକୂଳ ଇ-ପିଭିସି ସାମଗ୍ରୀରେ ନିର୍ମାଣ କରାଯାଇଛି, ଯାହାକି ଏହାର ପରିବେଶ ସ୍ଥାୟୀତ୍ୱ ପାଇଁ ପ୍ରମାଣିତ ଅଟେ। ଏହି କାର୍ଡଗୁଡିକର ଗ୍ରହଣୀୟତା ଦ୍ୱାରା ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ପରିବେଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରଭାବ ସୃଷ୍ଟି କରିପାରିବ। ମେଟ୍ରୋ ଷ୍ଟେସନଗୁଡିକରେ ଯାତ୍ରୀମାନଙ୍କୁ ଧାଡିରେ ଠିଆ ହେବା ଓ ଟିକେଟ କିଣିବାର ସମସ୍ୟା ବିନା କେବଳ ଗେଟ୍ସଗୁଡିକରେ ଟ୍ୟାପ୍ ଓ ଗୋ କରିବାକୁ ପଡିବ। ଏହି କାର୍ଡ ଟ୍ରାନ୍ସପୋର୍ଟ ଅପରେଟରଙ୍କ ଦ୍ୱାରା ସମର୍ଥିତ ସ୍ଥାନଗୁଡିକରେ ରିହାତି ଓ ମାସିକ ପାସ୍ ପ୍ରଦାନକୁ ସୁଗମ କରୁଛି, ଯାହା ବିଭିନ୍ନ ଟ୍ରାନ୍ସପୋର୍ଟ ଅପରେଟରଙ୍କ ପାଇଁ ଏକାଧିକ କାର୍ଡ କ୍ରୟ କରିବା ଓ ନିୟନ୍ତ୍ରଣ କରିବାର ଆବଶ୍ୟକତାକୁ ଦୂର କରୁଛି।

# ୟସ୍ ବ୍ୟାଙ୍କ ସହ-ପ୍ରତିଷ୍ଠାତା ରାଣା କପୁରଙ୍କୁ ଜାମିନ୍

ନୂଆଦିଲ୍ଲୀ,୨୦।୪(ଏଜେନ୍ସି)

ୟସ୍ ବ୍ୟାଙ୍କର ସହ-ପ୍ରତିଷ୍ଠାତା ରାଣା କପୁରଙ୍କୁ ଦୀର୍ଘ ଚାରି ବର୍ଷ ପରେ ମିଳିଛି ଆଶ୍ୱସ୍ତି। ମନି ଲଣ୍ଡରିଂ ମାମଲାରେ ଜେଲରେ ଥିବା ରାଣା କପୁରଙ୍କୁ ଶୁକ୍ରବାର ଜାମିନ୍ ମିଳିବା ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୪୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ସେ ଜେଲରେ ବନ୍ଦୀ ଥିଲେ।

ରାଣା କପୁରଙ୍କୁ ୨୦୨୦ ମାର୍ଚ୍ଚ ୭ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିଲା। ଗତ ୪ ବର୍ଷ ହେବ ସେ ତଲୋଜା ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିଲେ। ଏହି ମାମଲାରେ ଶୁକ୍ରବାର ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାଣା କପୁରଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାପରେ ସେ ଜେଲରୁ ବାହାରକୁ ଆସିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୟସ୍ ବ୍ୟାଙ୍କରେ କଥିତ ଆର୍ଥିକ ହେରଫେର ମାମଲାରେ ବ୍ୟାଙ୍କର ସହ-ପ୍ରତିଷ୍ଠାତା ରାଣା କପୁରଙ୍କ ବିରୋଧରେ ମୋଟ ୮ଟି ମାମଲା ରୁଜୁ କରିଥିଲା, ଯେଉଁଥିରୁ ୭ ମାମଲାରେ

**୪ ବର୍ଷ ପରେ ବାହାରିଲେ ଜେଲରୁ**



ରାଣା କପୁରଙ୍କୁ ଜାମିନ ମିଳିସାରିଥିଲା, ଏବେ ଶେଷ ମାମଲାରେ ବି ଜାମିନ ମିଳିଛି। ୟସ୍ ବ୍ୟାଙ୍କ ମନି ଲଣ୍ଡ୍ରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବ୍ୟାଙ୍କର ସହ-ପ୍ରତିଷ୍ଠାତା ରାଣା କପୁର ଏବଂ ଦିୱାନ୍ ହାଉସିଂ ଫାଇନାନ୍ସ ଲିମିଟେଡ୍ ସହ ଜଡିତ ଭାରତ ଏବଂ ବିଦେଶରେ ଥିବା ୨୮୦୦ କୋଟି ଟଙ୍କା ସମ୍ପତ୍ତି ଜବତ କରିଥିଲା।

# ଆର୍‌ବିଆଇ କର୍ମଚାରୀଙ୍କ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୦।୪(ସମିସ)



ଓଡିଶାର ବିଭିନ୍ନ ସ୍ଥାନରେ ବିଶେଷ କରି ରାଜଧାନୀ ଭୁବନେଶ୍ୱର ରେ ତୀବ୍ର ଗ୍ରୀଷ୍ମ ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଭୁବନେଶ୍ୱରର କର୍ମଚାରୀମାନେ ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ଏଥିରେ କର୍ମଚାରୀମାନେ ଘୋଳ ଦହି ବଣ୍ଟନ କରିଥିଲେ। ଆରବିଆଇ ଭୁବନେଶ୍ୱରର କର୍ମଚାରୀମାନେ ନିଜ ମଧ୍ୟରେ ସ୍ୱେଚ୍ଛାକୃତ ଅବଦାନ ଦେଇ ଏହି ଶିବିରର ଆୟୋଜନ କରିଥିଲେ। ଆରବିଆଇର ଆବାସିକ କଲୋନୀ ନିକଟସ୍ଥ ତିନୋଟି ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳ ଯଥା ଇନ୍ଦ୍ରଧନୁ ମାର୍କେଟ,ୟୁନିଟ-୪ ମାର୍କେଟ ଏବଂ ରୁଚିକା ମାର୍କେଟରେ ଏହି ଘୋଳଦହି ବଣ୍ଟନ ଶିବିରଗୁଡିକୁ ପରିଚାଳନା କରାଯାଇଥିଲା। ଆରବିଆଇର କର୍ମଚାରୀଙ୍କ ଦ୍ୱାରା ଏଭଳି ସାମାଜିକ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିଥିଲେ। କର୍ମଚାରୀମାନେ ୨୧ ଅପ୍ରେଲରେ ପୁନର୍ବାର ଏଭଳି ଶିବିରର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ମୋଟୋରୋଲା ମୋଟୋ ଜି୬୪ ୫ଜି ଫୋନ୍




**ଭୁବନେଶ୍ୱର, ୨୦।୪(ସମିସ):** ୫ଜି ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋଟୋରୋଲା ପକ୍ଷରୁ ନୂଆ ସ୍ମାର୍ଟଫୋନ୍ ମୋଟୋ ଜି୬୪ ୫ଜିର ଶୁଭାରମ୍ଭ ଘୋଷଣା କରିଛି। ମୋଟୋ ଜି୬୪ ୫ଜି ବିଶ୍ୱର ପ୍ରଥମ ମିଡିଆଟେକ୍ ଟିଏମ୍ ଡାଇମେନସିଟି ୭୦୨୫ ପ୍ରୋସେସର ଏବଂ ସେଗେମେଣ୍ଟର ଶ୍ରେଷ୍ଠ ୬୦୦୦ ଏମଏଏଚ ବ୍ୟାଟେରୀ ସହିତ ୧୫ ହଜାରରୁ କମ୍ ସ୍ମାର୍ଟଫୋନ୍ ବଜାରକୁ ବ୍ୟାହତ କରୁଛି। କ୍ୱାଡ୍ ପିକ୍ସେଲ ଟେକ୍ନୋଲୋଜି ସହିତ ସେଗମେଣ୍ଟର ଅଗ୍ରଣୀ ଶେକ୍ ଫ୍ରି ୫୦ ଏମପି ଓଆଇଏସ୍ କ୍ୟାମେରା ମାତ୍ର ୧୪,୯୯୯ ଟଙ୍କା (ଅଫର ସହିତ ୧୩,୯୯୯ ଟଙ୍କା) ରହିଛି। ଏକ ଅଗ୍ରଣୀ ପ୍ରୋସେସର, ବ୍ୟାଟେରୀ ଏବଂ କ୍ୟାମେରା ସହିତ ଏଥିରେ ସେଗମେଣ୍ଟର ଶ୍ରେଷ୍ଠ ଇନ୍-ବିଲ୍ଟ ୧୨ ଜିବି ରାମ୍ +୨୫୬ ଜିବି ଷ୍ଟୋରେଜ୍ ସ୍ମାର୍ଟଫୋନ ରହିଛି ଯାହାର ମୂଲ୍ୟ ୧୬,୯୯୯ ଟଙ୍କା (ଅଫର ସହିତ ୧୫,୯୯୯ ଟଙ୍କା) ରହିଛି। ମୋଟୋ ଜି୬୪ ୫ଜିରେ ବିଶ୍ୱର ପ୍ରଥମ ମିଡିଆଟେକ୍ ଡିମେନସିଟି ୭୦୨୫ ପ୍ରୋସେସର ରହିଛି, ଯାହା ଏକ ଶକ୍ତିଶାଳୀ ଅକ୍ଟା-କୋର ପ୍ରୋସେସର ଯାହା ୨.୫ ଗିଗାହର୍ଜ ପର୍ଯ୍ୟନ୍ତ ଫ୍ରିକ୍ୱେନ୍ସି ପ୍ରଦାନ କରିଥାଏ। ଏହି ଅବିଶ୍ୱସନୀୟ ଦ୍ରୁତ ପ୍ରୋସେସର ଅଲଟ୍ରାଫାଷ୍ଟ ପ୍ରଦର୍ଶନ ପ୍ରଦାନ କରିବାରେ ସକ୍ଷମ। ଏହା ଦ୍ୱାରା ଉପଭୋକ୍ତାମାନେ ସେମାନଙ୍କ ଡିଭାଇସରୁ ଅଧିକରୁ ଅଧିକ ଉପଯୋଗ କରିପାରିବେ ଏବଂ ବିନା ତ୍ରୁଟି ଏବଂ ସହଜ ଭିଡିଓରେ ଗେମିଂ ଅନୁଭବ କରିବା ସହିତ ଉତମ ନାଇଟ୍ ଲାଇଟ୍ ଫଟୋଗ୍ରାଫି ପାଇଁ ମିଡିଆଟେକ୍ ଦ୍ୱାରା ପରି.ଳିତ ଏହାର ଅତ୍ୟାଧୁନିକ ଇମାଜିକ୍ ଟେକ୍ନୋଲୋଜି ସହିତ ଉତମ ଫଟୋଗ୍ରାଫି ଅଭିଜ୍ଞତା ଅନୁଭବ କରିପାରିବେ।

# ଚଳିତବର୍ଷ ଆଇଟିରେ ଛଟେଇ ଛାଟ

- ବର୍ଷକରେ ୬୪ ହଜାର କର୍ମଚାରୀ ଚାକିରିରୁ ବିଦା
- ବଡ଼ କମ୍ପାନୀରେ ହୋଇଛି ବେଶୀ ଛଟେଇ
- ଦୁର୍ବଳ ବୈଶ୍ୱିକ ଚାହିଦାରେ ନିଯୁକ୍ତି କମୁଛି

ନୂଆଦିଲ୍ଲୀ,୨୦।୪(ଏଜେନ୍ସି)

ସମ୍ପ୍ରତି ଦେଶର ଆଇଟି କ୍ଷେତ୍ର ଉପରେ ପଡିଛି ଚଡକ। ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ତିନୋଟି ବୃହତ ଆଇଟି କମ୍ପାନୀ ଟାଟା କନ୍ସଲଟାନ୍ସ ସର୍ଭିସେସ୍, ଇନଫୋସିସ୍ ଏବଂ ୱିପ୍ରୋ ବଡ଼ ଧରଣର କର୍ମଚାରୀ ଛଟେଇ କରିଛନ୍ତି। ଏହି ତିନୋଟି ଯାନ କମ୍ପାନୀ ମିଶି ପ୍ରାୟ ୬୪,୦୦୦ କର୍ମଚାରୀଙ୍କ କମ୍ପାନୀରୁ ବାହାର ରାସ୍ତା ଦେଖାଇଛନ୍ତି। ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ଦୁର୍ବଳ ଚାହିଦା ଏବଂ ଗ୍ରାହକଙ୍କ ଦ୍ୱାରା ଟେକ୍ନୋଲୋଜି ଖର୍ଚ୍ଚରେ ହ୍ରାସ ଯୋଗୁ ଏହି କମ୍ପାନୀଗୁଡିକରେ କର୍ମଚାରୀଙ୍କୁ ବିଦା ହେବାକୁ ପଡିଛି।

ନିକଟରେ ଦେଶର ଏହି ତିନୋଟି ବୃହତ ଆଇଟି କମ୍ପାନୀର ତ୍ରୈମାସିକ ଆକଳନ ପ୍ରକାଶ ପାଇଛି। ବିଗତ କିଛି ମାସ ହେବ ଉକ୍ତ ତିନୋଟି କମ୍ପାନୀରେ ନିଯୁକ୍ତିରେ କ୍ରମାଗତ ହ୍ରାସ ଘଟିଛି। ଗତ ଆର୍ଥିକବର୍ଷରେ ମଧ୍ୟ ଏହି କମ୍ପାନୀଗୁଡିକରେ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୬୪ ହଜାର ହ୍ରାସ ପାଇଥିଲା। ଏହାର ଅର୍ଥ ହେଉଛି ଏହି କମ୍ପାନୀଗୁଡିକ ୬୪ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ଦୁର୍ବଳ ଚାହିଦା ଏବଂ କଟକଣା ଯୋଗୁଁ ନିଯୁକ୍ତିରେ ଏହି ହ୍ରାସ ଘଟିଛି।

ୱିପ୍ରୋ ପକ୍ଷରୁ ଏହାର ଚତୁର୍ଥ ତ୍ରୈମାସିକ ଆର୍ଥିକ




ଫଳାଫଳ ଘୋଷଣା କରାଯାଇଛି। ଏଥିରେ କମ୍ପାନୀ କହିଛି ଯେ ମାର୍ଚ୍ଚ ୨୦୨୪ ସୁଦ୍ଧା ୱିପ୍ରୋ ଏହାର କର୍ମଚାରୀ ସଂଖ୍ୟା ୨,୩୪,୦୫୪କୁ ହ୍ରାସ ଘଟାଇଛି। ,ଠାରେ ସୂଚନାଯୋଗ୍ୟ ଯେ, ପୂର୍ବ ବର୍ଷର ସମାନ ମାରେ ୱିପ୍ରୋର କର୍ମଚାରୀ ସଂଖ୍ୟା ୨,୫୮,୫୭୦ ରହିଥିଲା। ତେବେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା କମ୍ପାନୀ କର୍ମଚାରୀଙ୍କ ସଂଖ୍ୟାରେ ୨୪,୫୧୬ ହ୍ରାସ ଘଟାଇଛି। ବିଶ୍ୱରେ ସମ୍ପ୍ରତି ଦେଖାଦେଇଥିବା ମାକ୍ରୋ-ଅର୍ଥନୈତିକ ଅନିଶ୍ଚିତତା ଏବଂ ଭୌଗୋଳିକ ପରିବର୍ତ୍ତନ ଯୋଗୁଁ ଭାରତର ଆଇଟି ସେବା ଶିଳ୍ପ ଚାପ ଅନୁଭବ କରୁଛି। ଦେଶର ଦ୍ୱିତୀୟ ବୃହତ ଆଇଟି ସେବା ରପ୍ତାନିକାରୀ ଇନଫୋସିସ୍ କହିଛି ଯେ ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏହାର ମୋଟ କର୍ମଚାରୀ ସଂଖ୍ୟା ୩,୧୭,୨୪୦ ରହିଥିଲା, ଯାହା ଗତ ବର୍ଷ ସମାନ ଅବଧିରେ ୩,୪୩,୨୩୪ ଥିଲା। ତେବେ କମ୍ପାନୀ ୨୫,୯୯୪ କର୍ମଚାରୀଙ୍କୁ ଛଟେଇ କରିଛି। ସେହିପରି ଦେଶର ବୃହତ ଆଇଟି କମ୍ପାନୀ ଟିସିଏସ୍ ମଧ୍ୟ ଏହାର ୧୩,୨୪୯ କର୍ମଚାରୀଙ୍କୁ ଛଟେଇ କରିଛି। ଗତ ଆର୍ଥିକବର୍ଷ ଶେଷ ସୁଦ୍ଧା କମ୍ପାନୀରେ ମୋଟ ୬୦୧,୫୪୬ କାର୍ଯ୍ୟରତ ଥିଲେ।

# କଳିଙ୍ଗ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର,୨୦।୪(ସିମସ):** କଳିଙ୍ଗ ହସ୍ପିଟାଲ ଲିମିଟେଡ୍, ଜେନ୍ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଅଟିଜିମ୍ ସଚେତନତା ସପ୍ତାହରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଟିଜିମ୍ ସ୍ପେକ୍ଟ୍ରମ୍ ବ୍ୟାଧି (ଏଏସ୍‌ଡି) ଥିବା ବ୍ୟକ୍ତିବିଶେଷଙ୍କୁ ସଚେତନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ। ଏକ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ପାଇଁ ପ୍ରୋତ୍ସାହନ କରିବା ଏବଂ ଅଟିଜିମ୍ ସମ୍ପ୍ରଦାୟକୁ ଉପଲବ୍ଧ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି ଶିବିରର ଲକ୍ଷ୍ୟ। କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ନିଲଞ୍ଜନା ମୁଖାର୍ଜୀ କହିଛନ୍ତି, ଆମେ ସୁସ୍ଥ ଓ ସାମାଜିକ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ ଅଟିଜିମ୍ ରୋଗୀଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆମର ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ହେଉଛି ସୁବିଧାଜନକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଅଟିଜିମ୍ ସ୍ପେକ୍ଟ୍ରମ୍ ବ୍ୟାଧି ବିଷୟରେ ସଚେତନତା ସୃଷ୍ଟି କରିବା। ଜେନ୍ ଫାଉଣ୍ଡେସନ କ୍ରମାଗତ ଭାବରେ ସମାଜର ଅଟିଜିମ୍ ବର୍ଗର ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଅଟିଷ୍ଟିକ୍ ପିଲା ଏବଂ ସେମାନଙ୍କ ପିତାମାତାଙ୍କୁ ଜୀବନରେ ସ୍ୱାସ୍ଥ୍ୟ ପରକ୍ଷାର ଗୁରୁତ୍ୱ ବିଷୟରେ ଉତ୍ସାହିତ କରିବ। ଏ ଦିଗରେ ସହୃଦୟ ସହାୟତା ଯୋଗାଇ ଦେଇଥିବାରୁ ଜେନ୍ ଫାଉଣ୍ଡେସନ୍ ମୁଖ୍ୟ ଟ୍ରଷ୍ଟି ଗର୍ଗୀ ଭଟ୍ଟାଚାର୍ଯ୍ୟ କଳିଙ୍ଗ ହସ୍ପିଟାଲ ଲିମିଟେଡକୁ ଧନ୍ୟବାଦଦେଇଛନ୍ତି।







## ସାମ୍ବାଦିକଙ୍କ ଠାରୁ ମୋବାଇଲ୍ ଝାମ୍ପିନେଲେ

ଭୁବନେଶ୍ୱର, ୨୦।୪ (ସମିସ): ପୁଣି ଜାତୀୟ ରାଜପଥରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ସ୍ପଷ୍ଟ ଦିବାଲୋକରେ ସାମ୍ବାଦିକଙ୍କ ଠାରୁ ମୋବାଇଲ୍ ଫୋନ ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ। ଗୋହିରା ଫ୍ଲାଏଓଭର୍ ଓ ତମାଣ୍ଡୋ ହ୍ୟୁଣ୍ଡାଇ ସୋରୁମ ମଧ୍ୟରେ ଏଭଳି ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଥିବା ସାମ୍ବାଦିକ ମନୋରଞ୍ଜନ ପ୍ରଧାନ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ୧୦ଟା ସମୟରେ ମନୋରଞ୍ଜନ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେ ଗୋହିରା ଫ୍ଲାଏଓଭର୍ ଅତିକ୍ରମ କରୁଥିବାବେଳେ ଦୁଇ ଜଣ ଲୁଟେରା ଏକ କେଟିଏମ୍ ବାଇକରେ ଆସି ତାଙ୍କ ସାର୍ଟ ପକେଟରୁ ମୋବାଇଲ ଫୋନ ଛଡ଼ାଇ ନେଇ ଭୁବନେଶ୍ୱର ଆଡ଼କୁ ପଳାଇଥିଲେ। ଏନେଇ ସେ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଦେଶୀମଦ ଜବତ

ଭୁବନେଶ୍ୱର, ୨୦।୪ (ସମିସ): ଦେଶୀମଦ କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଥରବନ୍ଧ ବସ୍ତିର ଶନିଆ ବିଦ୍ଧାଣି (୪୫) ଓ ଜାଲିମୁଣ୍ଡା ସାହିର ବୈକୁଣ୍ଠ ତିରିଆ (୩୭)। ପୁଲିସ ସୂଚନା ଅନୁଯାୟୀ, ପଥରବନ୍ଧ ବସ୍ତିରେ ଦେଶୀମଦ ବିକ୍ରି ହେଉଥିବା ଖବରପାଇ ସହିଦ ନଗର ଥାନା ପୁଲିସ ଚଢ଼ଉ କରିଥିଲା। ଟାଇଗର୍ କ୍ଲବ୍ ନିକଟରୁ ଶନିଆକୁ ଗିରଫ କରିବା ସହିତ ତା ଠାରୁ ୫୦ ଲିଟର ଦେଶୀମଦ ଜବତ କରିଥିଲା। ଶନିଆ ନାମରେ ପୂର୍ବରୁ ମଧ୍ୟ ୪ଟି ମଦ ବିକ୍ରି ଜନିତ ମାମଲା ରହିଥିବା ପୁଲିସ କହିଛି। ସେହିପରି ବୈକୁଣ୍ଠ ଜାଲିମୁଣ୍ଡାସାହି ରାସ୍ତାକଡ଼ରେ ମଦ ବିକ୍ରି କରୁଥିବା ବେଳେ ଇନ୍‌ଫୋସିଟି ଥାନା ପୁଲିସ ଚଢ଼ଉ କରିଥିଲା। ବୈକୁଣ୍ଠକୁ ଗିରଫ କରି ତା ହେପାଜତରୁ ୬୫ ଲିଟର ଦେଶୀମଦ ଜବତ କରିଥିଲା।

### କମିସନରେଟ୍ ପୁଲିସର ପ୍ରାକ୍ ନିର୍ବାଚନ ପ୍ରସ୍ତୁତି

# ସୁରକ୍ଷା ସୁନିଶ୍ଚିତ, ତଡ଼ିପାର୍ ହେବେ ଦାଗୀ

ଭୁବନେଶ୍ୱର, ୨୦।୪(ସମିସ):

ଆସନ୍ତା ମେ ୨୫ ଓ ଜୁନ୍ ୧ରେ ଦ୍ୱୈତନଗରୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନକୁ ଆଖି ଆଗରେ ରଖି ଗତ ୩ ମାସ ଧରି କମିସନରେଟ୍ ପୁଲିସ ଏନେଇ ନିଜର ପ୍ରସ୍ତୁତି ଜାରିରଖିଛି। ତା' ପୂର୍ବରୁ ଦ୍ୱୈତନଗରୀରେ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ସମସ୍ତ ପ୍ରକାରର ପଦକ୍ଷେପ ନେଇଛି କମିସନରେଟ୍ ପୁଲିସ। ପେସାଦାର ଅପରାଧୀ, ନିଶାଦ୍ରବ୍ୟ, ବନ୍ଧୁକ କାରବାର ବିରୋଧରେ ଶୂନ ସହନଶୀଳତା

**ବନ୍ଧୁକ, ନିଶାଦ୍ରବ୍ୟ ଓ ନଗଦ ଟଙ୍କା କାରବାର ରୋକିବାକୁ ଖସଡ଼ା**

**ଦ୍ୱୈତନଗରୀର ସୁରକ୍ଷା ଦାୟିତ୍ୱରେ ୨ କମ୍ପାନୀ କେନ୍ଦ୍ରୀୟ ଫୋର୍ସ**

ନୀତି ଦେଖାଇଛି। ଦାଗୀ ଅପରାଧୀଙ୍କ ବିରୋଧରେ ଜାମିନ୍‌ବିହୀନ ଗିରଫ ପରୱାନା, ୧୦୭ ଓ ୧୧୦ ଦଫା ଲଗାଯାଇ ଅଭିଯୁକ୍ତଙ୍କୁ ତଡ଼ିପାର୍ କରାଯାଉଛି।

ଭୁବନେଶ୍ୱର ଓ କଟକ ସହରାଞ୍ଚଳରେ ୧୮୩୯ଟି ବୁଥ ରହିଛି। ତନ୍ମଧ୍ୟରୁ ୨୭୧ଟି ସମ୍ବେଦନଶୀଳ ବୁଥ ରହିଛି। ଭୁବନେଶ୍ୱର ସହରାଞ୍ଚଳରେ ୧୧୧୭ଟି ବୁଥ୍ ରହିଥିବା ବେଳେ ୧୪୯ଟି ସମ୍ବେଦନଶୀଳ ବୁଥ୍ ରହିଛି। ଅନୁରୂପ ଭାବେ କଟକ ସହରାଞ୍ଚଳରେ ୭୨୨ଟି ବୁଥ୍‌ରୁ ୧୨୨ଟି ସମ୍ବେଦନଶୀଳ ରହିଛି। ସମ୍ବେଦନଶୀଳ ବୁଥଗୁଡ଼ିକରେ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ କରାଯିବ। ଏଥିଲାଗି ଦ୍ୱୈତନଗରୀରେ ଦୁଇ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ଆସିଛନ୍ତି। ଦୁଇ ସହରରେ କେନ୍ଦ୍ରୀୟ ଫୋର୍ସ ଫ୍ଲାଗମାର୍ଚ୍ଚ କରୁଛନ୍ତି। ସୁରକ୍ଷା ଦେଖି ସେମାନଙ୍କୁ ସମ୍ବେଦନଶୀଳ ବୁଥ୍‌ରେ ମୁତୟନ କରାଯିବ ବୋଲି ପୁଲିସ କମିସନର ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ରାତିରେ ବ୍ଲକିଂ ଓ ଚେକିଂକୁ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନ ସମୟରେ ନଗଦ ଟଙ୍କା କାରବାର ଚାଲାଣ ରୋକିବାକୁ ସ୍ୱତନ୍ତ୍ର ସର୍ଭିଲାନ୍ସ ଟିମ୍ ପକ୍ଷରୁ ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ନାକାବନ୍ଦୀ କରି ଯାଞ୍ଚ କରାଯିବ। ତେବେ ପ୍ରଚାର ସମୟ ହେଉ କି ମତଦାନ ସମୟରେ ଅଘଟଣ ଘଟିଲେ ଭିଡିଓ ସର୍ଭେଲାନ୍ସ ୟୁନିଟ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଫ୍ଲାଇସ୍କ୍ୱାଡ୍, କୁଇକ ରିଆକ୍ସନ ଟିମ୍ ପ୍ରସ୍ତୁତ ରହିଛନ୍ତି। ନାମାଙ୍କନ ଦାଖଲ ପରେ ଆହୁରି ଏହାକୁ କଡ଼ାକଡ଼ି କରାଯିବ।



### ବନ୍ଧୁକରେ କଟକ ଓ ବ୍ରାଉନ୍‌ସୁଗରରେ ଭୁବନେଶ୍ୱର

ବନ୍ଧୁକ ଜବତରେ କଟକ ଆଗରେ ରହିଥିବା ବେଳେ ବ୍ରାଉନସୁଗର ଜବତରେ ଆଗରେ ରହିଛି ଭୁବନେଶ୍ୱର। ଦ୍ୱୈତନଗରୀରେ ୧୯ଟି ବନ୍ଧୁକ ସହ ୩୮ ଜଣଙ୍କୁ ଗିରଫ କରାଯାଇଛି। କଟକ ସହରାଞ୍ଚଳରେ ୧୪ଟି ବନ୍ଧୁକ ଜବତ କରାଯିବା ସହ ୧୧ଜଣଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱରରେ ୫ଟି ବନ୍ଧୁକ, ୨୪ଟି ଅଫୁଟା ଗୁଳି ସହ ୨ଜଣଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ଦ୍ୱୈତନଗରୀରେ ୧୮୫୮ ଗ୍ରାମ ବ୍ରାଉନ୍‌ସୁଗର, ୭୯୦ କିଲୋ ଗଞ୍ଜେଇ ସହ ୮୧ଜଣଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱରରେ ୧୨୪୬ଟି ଗ୍ରାମ୍ ବ୍ରାଉନ୍‌ସୁଗର, ୫୯୧ କିଲୋ ଗଞ୍ଜେଇ ସହ ୫୪ଜଣଙ୍କୁ ଗିରଫ କରାଯାଇଛି। ସେପରି କଟକ ସହରାଞ୍ଚଳ ପୁଲିସ ୫୯୯ ବ୍ରାଉନସୁଗର, ୧୯୯ କିଲୋ ଗଞ୍ଜେଇ ସହ ୨୭ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପଟେ ଦେଶୀ ଓ ବିଦେଶୀ ମଦ କାରବାର ବିରୋଧରେ ବଡ଼ଧରଣର ଧରପଗଡ଼ କରାଯାଉଛି। କଟକରେ ୭ହଜାର ଲିଟର ଦେଶୀ ମଦ, ୧୪୭୧ ଲିଟର ବିଦେଶୀ ମଦ ସହ ୪୪୩ଜଣଙ୍କୁ ଗିରଫ କରାଯାଇଛି। ସେଭଳି ଭୁବନେଶ୍ୱରରେ ୧୧ହଜାର ୩୦୦ ଲିଟର ଦେଶୀମଦ, ୬୮୮ ଲିଟର ବିଦେଶୀ ମଦ ସହ ୨୧୨ଜଣଙ୍କୁ ଗିରଫ କରାଯାଇଛି।



### ଭୁବନେଶ୍ୱରରେ ୧୨୬୩ ବନ୍ଧୁକ ଲାଇସେନ୍ସଧାରୀ

ନିର୍ବାଚନ ସମୟରେ ଲାଇସେନ୍ସ ନେଇ ନିଜ ସୁରକ୍ଷା ଲାଗି ବନ୍ଧୁକ ରଖିଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଥାନାରେ ଦାଖଲ କରିବାକୁ କୁହାଯାଇଥାଏ। ଏହିକ୍ରମରେ ଦ୍ୱୈତନଗରୀରେ ୧୯୨୭ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ୧୫୦୪ଟି ନିକଟସ୍ଥ ଥାନାରେ ଦାଖଲ କରାଯାଇଛି। ଭୁବନେଶ୍ୱର ଠାରୁ କଟକର ବନ୍ଧୁକ ଲାଇସେନ୍ସଧାରୀ ଅଧିକ ସଂଖ୍ୟା ବନ୍ଧୁକ ଫେରସ୍ତ କରିସାରିଲେଣି। ଭୁବନେଶ୍ୱରରେ ମୋଟ୍ ୧୨୬୩ଟି ଲାଇସେନ୍ସଧାରୀ ରହିଛନ୍ତି। ସେଥିମଧ୍ୟରୁ ୮୬୦ଟି ବନ୍ଧୁକ ଫେରସ୍ତ ହୋଇଥିବା ବେଳେ ଆହୁରି ୪୦୩ଟି ବନ୍ଧୁକ ଫେରସ୍ତ ଲାଗି ବାକି ରହିଛି। ଅନୁରୂପ ଭାବେ କଟକରେ ୬୬୪ଟି ଲାଇସେନ୍ସପ୍ରାପ୍ତ ବନ୍ଧକ ରହିଛି। ତଦ୍‌ମଧ୍ୟରୁ ୬୪୪ଟି ବନ୍ଧୁକ ନିକଟସ୍ଥ ଥାନାରେ ଦାଖଲ ହୋଇଥିବା ବେଳେ ଆଉ ୨୦ଟି ବାକି ରହିଛି। ଅବଶିଷ୍ଟ ଲାଇସେନ୍ସଧାରୀଙ୍କୁ ତୁରନ୍ତ ବନ୍ଧୁକ ଫେରସ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

### ଦାଗୀଙ୍କ ବିରୋଧରେ କଡ଼ା ଫଇସଲା

ଦ୍ୱୈତନଗରୀରେ ୪୧୧୯ଜଣଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ (ଜାମିନ୍‌ବିହୀନ ଗିରଫ ପରୱାନା) ଜାରି ହୋଇଛି। ଭୁବନେଶ୍ୱର ସହରାଞ୍ଚଳରେ ୨୯୩୪ଜଣଙ୍କ ନାଁରେ ୱାରେଣ୍ଟି ଜାରି କରାଯାଇଥିଲା। ୪୩୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୭୧୯ଜଣ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେଭଳି ୧୦୭ ଦଫାରେ ୮୪୯ଟି ମାମଲାରେ ୪୦୦୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୮୯୭ଜଣ କୋର୍ଟରେ ଆତ୍ମସର୍ମପଣ କରିଛନ୍ତି। ଏଥିସହ ୧୬୦ଜଣଙ୍କ ପେସାଦାରଙ୍କ ବିରୋଧରେ ୧୧୦ ଦଫା ଲଗାଯାଇଛି। ସେଥିମଧ୍ୟରୁ ୧୧୧ଜଣଙ୍କୁ ଗିରଫ କରାଯାଇଛି। ସେପଟେ କଟକ ସହରାଞ୍ଚଳରେ ୧୧୮୫ଜଣଙ୍କ ନାମରେ ୱାରେଣ୍ଟି ରହିଛନ୍ତି। ସେଥିମଧ୍ୟରୁ ୪୨୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪୩୬ଜଣ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେଭଳି ୧୦୭ ଦଫାରେ୪୦୫ ଟି ମାମଲାରେ ୨୪୧୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧୧୫ଜଣ କୋର୍ଟରେ ଆତ୍ମସର୍ମପଣ କରିଛନ୍ତି। ଏଥିସହ ୧୪୩ଜଣଙ୍କ ପେସାଦାରଙ୍କ ବିରୋଧରେ ୧୧୦ ଦଫା ଲଗାଯାଇଛି। ସେଥିମଧ୍ୟରୁ ୬୬ଜଣଙ୍କୁ ଗିରଫ କରାଯାଇଛି। ଏପରିକି ଦ୍ୱୈତନଗରୀରେ ତଡ଼ିପାର୍ ପ୍ରକ୍ରିୟା ଜାରି ରହିଥିବା ସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ବିଜେଡି ପ୍ରାର୍ଥୀଙ୍କୁ ଓକିଲଙ୍କ ସମର୍ଥନ



ବାଲିପାଟଣା, ୨୦।୪ (ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ନବକିଶୋର ମଲ୍ଲିକଙ୍କୁ ଏହି ଅଞ୍ଚଳର ଓକିଲମାନେ ସମର୍ଥନ ଜଣାଇଛନ୍ତି। ପ୍ରାଚୀ ମଣ୍ଡପଠାରେ ଆୟୋଜିତ ୭୦ରୁ ଅଧିକ ସ୍ଥାନୀୟ ଓକିଲ ଏକ ବୈଠକର ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ ଓକିଲ ବିଶ୍ୱନାରାୟଣ ମହାନ୍ତିଙ୍କ ଦ୍ୱାରା ଆହୂତ ଏହି କାର୍ଯ୍ୟକ୍ରମରେ ବିଜେଡିର ପ୍ରାର୍ଥୀ ନବକିଶୋର ମଲ୍ଲିକ ଓ ଆମ ସଂଗଠନ ର ମୁଖ୍ୟ ତଥା ଦଳର ପୃଷ୍ଠ ପୋଷକ କମଳ କୁମାର ପାତ୍ର (ଚନ୍ଦନ) ଉପସ୍ଥିତ ରହି ଓକିଲ ମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ, ପୂର୍ବତନ ଭୁବନେଶ୍ୱର ବାର୍ ଆସୋସିଏସନ୍ ସମ୍ପାଦକ ତାପସ ଦାସ, ରଶ୍ମିରଞ୍ଜନ ମହାନ୍ତି, ଶକ୍ତି ପ୍ରସାଦ ଛୋଟରାୟ, ଅମରେଶ ସ୍ୱାଇଁ, ସମ୍ବିତ ରାୟ, କିଶୋର ଭାରତୀ, ପ୍ରଦୀପ୍ତ ପାଲ, ସୁରେଶ ଦାସ, ଲକ୍ଷ୍ମୀଧର ତ୍ରିପାଠୀ, ପ୍ରୀତିଶ ଦାସ, ସେକ୍ ସମ୍ ସର୍, ମାନସ ନାୟକ, ଦେବୀପ୍ରସାଦ ଦାସ, ସନ୍ତୋଷ ଦାଶ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ରାଜଭବନ ଆଗ ଜଳାଶୟରେ ସ୍ନାନରତ ପାରା (ଫଟୋ-ଦୀପକ)

## ବିଇଓଙ୍କ ଜାଲ୍ ଦସ୍ତଖତରେ ସ୍କୁଲ୍ ନାମଲେଖା ବଦଳି

ଭୁବନେଶ୍ୱର, ୨୦।୪(ସମିସ): ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ନାଁରେ ଜାଲ୍ ଦସ୍ତଖତ କରି ପିଲାଙ୍କ ନାମଲେଖା ବଦଳି ଅଭିଯୋଗ ହୋଇଛି। ଏନେଇ ଭୁବନେଶ୍ୱର ବିଇଓ ପ୍ରଜ୍ଞା ପରମିତା ଜେନାଙ୍କ ପକ୍ଷରୁ ଧଉଳି ଥାନାରେ ଏତଲା ଦିଆଯାଇଛି। ବିଇଓ ଶ୍ରୀମତୀ ଜେନା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଧଉଳି ଥାନା ଅଧୀନରେ ଥିବା କଲ୍ୟାଣପୁରଶାସନର ଅଞ୍ଚଳର ଏକ ଘରୋଇ ସ୍କୁଲ୍ ବିଇଓଙ୍କର ଏକ ଜାଲ ଦସ୍ତଖତରେ ନିଜ ସ୍କୁଲ୍‌ରେ ପଢୁଥିବା ଏକ ପିଲାର ଟ୍ରାନ୍ସଫର ସାର୍ଟିଫିକେଟ୍ ଦେଇଛନ୍ତି। ପିପିଲି ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଜଣେ ଛାତ୍ରୀ ନିଜେ ପଢୁଥିବା ଘରୋଇ ସ୍କୁଲ୍‌ରୁ ଟିସି ନେବାକୁ ଚାହିଁଥିଲେ। ତେବେ ଉକ୍ତ ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷ ବିଇଓ କାର୍ଯ୍ୟାଳୟରୁ କୌଣସି ଅନୁମତି ନେଇ ନ ଥିଲେ। ମାତ୍ର ସ୍କୁଲ୍ କର୍ତ୍ତୃପକ୍ଷ ବିଇଓଙ୍କ ନାମରେ ଜାଲି ଦସ୍ତଖତ ସହ ସିଲ୍ ମାରି ଉକ୍ତ ଛାତ୍ରୀ ଜଣଙ୍କୁ ଟିସି ପ୍ରଦାନ କରିଛନ୍ତି। ଗୋବିନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଏହି ସମ୍ପର୍କିତ ସୂଚନା ବିଇଓଙ୍କ ହ୍ୱାଟସଆପ୍‌କୁ ଦିଆଯାଇଥିଲା। ଏହି ଘଟଣା ଜାଣିବା ପରେ ଉକ୍ତ ଘରୋଇ ସ୍କୁଲ୍ ବିରୋଧରେ ବିଇଓ ଶ୍ରୀମତୀ ଜେନା ଏକ ଅଭିଯୋଗ କରି ମାମଲା ରୁଜୁ କରିବାକୁ ଅନୁରୋଧ କରୁଛନ୍ତି।

# ମତଦାନ ବୃଦ୍ଧି ପାଇଁ ରାଜଧାନୀରେ ୱାକାଥନ୍

ଭୁବନେଶ୍ୱର, ୨୦।୪(ସମିସ):

ବିଏମ୍‌ସି, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ମାଷ୍ଟର୍‌କ୍ୟାଣ୍ଟିନ ଛକଠାରୁ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା (ୱାକାଥନ୍) ଶନିବାର ଆୟୋଜିତ ହୋଇଯାଇଛି। ଉଦ୍ଦେଶ୍ୟ ଥିଲା, ଚଳିତ ସାଧାରଣ ନିର୍ବାଚନରେ ପ୍ରତ୍ୟେକ ଭୋଟରଙ୍କୁ, ମତଦାନ କେନ୍ଦ୍ରରେ ସେମାନଙ୍କର ମତ ସାବ୍ୟସ୍ତ କରିବା ପାଇଁ ସଚେତନ କରିବା। ବିଶେଷକରି

**ଯୁବ ଭୋଟରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

**ସିଗ୍ନେଚର୍ କ୍ୟାମ୍ପେନ୍ ଅନୁଷ୍ଠିତ**

ରାଜଧାନୀ ସହରାଞ୍ଚଳରେ ଅଧିକ ସଚେତନ, ଶିକ୍ଷିତ ନାଗରିକ ବାସ କରୁଥିଲେ ମଧ୍ୟ ମତଦାନ ହାର ଗ୍ରାମାଞ୍ଚଳ ଅପେକ୍ଷା ସବୁବେଳେ କମ୍ ରହୁଥିବା ଅତୀତରୁ ପରିଲକ୍ଷିତ ହୋଇଛି। ଏପରିକି ମତଦାନ ହାର ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ କମ୍ ରହୁଛି। ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ (ଏସ୍‌ଭିଇଇପି)ର ଅଂଶ ବିଶେଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଭୋଟରଙ୍କୁ ସାମିଲ କରାଯିବା ସହ ପ୍ରତ୍ୟେକ ମତଦାତା ଯେପରି ନିଶ୍ଚିତ ଭାବେ ନିଜ ନିଜର ମତଦାନ କେନ୍ଦ୍ରରେ ଭୋଟ ଦେବେ, ସେଥିପାଇଁ ଲୋକମାନଙ୍କୁ ସଚେତନ କରାଇବାକୁ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।



ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପତାକା ଦେଖାଇ ୱାକାଥନକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶା ନିକୁଞ୍ଜ ବିହାରୀ ଧଳ, ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ, ପୁଲିସ କମିସନର୍ ସଞ୍ଜୀବ ପଣ୍ଡା, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଳା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସମେତ ବିଏମ୍‌ସି ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ୱାକାଥନର ଶୁଭାରମ୍ଭ କରିବା ପୂର୍ବରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ଅତିଥିମାନଙ୍କ ସହିତ ଉପସ୍ଥିତ ଅଂଶଗ୍ରହଣକାରୀମାନେ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଆୟୋଜିତ ଏକ 'ସିଗ୍ନେଚର୍ କ୍ୟାମ୍ପେନ' ରେ ନିଜ ନିଜର ଭୋଟର ସଚେତନତା ବାର୍ତ୍ତା ଲେଖିବା ସହ ଭାରତୀୟ ଗଣତନ୍ତ୍ରରେ ଭୋଟ ଦେବା ଏକ ଅଧିକାର ଏବଂ ଏହାର ଅନୁପାଳନ କରିବାକୁ ଶପଥ ନେଇଥିଲେ। ରାଜ୍ୟରେ ଏକ ମୁକ୍ତ, ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶୃଙ୍ଖଳାପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇ ଭାରତୀୟ ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମବେତ ସମସ୍ତ ନାଗରିକଙ୍କୁ 'ମତଦାତାଙ୍କ ସଂକଳ୍ପ' ପାଠ କରାଇଥିଲେ। ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ଯୁବକ ଯୁବତୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଜେନାଙ୍କ ସହ ଅନ୍ୟ ଅତିଥିମାନେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହି ୱାକାଥନ ମାଷ୍ଟର୍‌କ୍ୟାଣ୍ଟିନ ଛକଠାରୁ ବାହାରି ଶ୍ରୀୟା ଛକ, କେନ୍ଦ୍ରୀୟ ବିଦ୍ୟାଳୟ ପାଖ ଦେଇ ସତ୍ୟ ନଗରସ୍ଥିତ ବିଏମ୍‌ସି ମୁଖ୍ୟାଳୟ( ବିଏମସି ଆଇସିଓଏମସି ଟାଓ୍ୱାର) ଠାରେ ପହଞ୍ଚିଥିଲା। ପ୍ରାୟ ୪୦୦ରୁ ଅଧିକ ନାଗରିକଙ୍କ ଯୋଗଦାନରେ କରାଯାଇଥିବା ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଭିନ୍ନ ଆବାସିକ କଲ୍ୟାଣ ସଂଘ, ବରିଷ୍ଠ ନାଗରିକ, ମାର୍କେଟ ଆସୋସିଏସନ, ଯୁବ ଭୋଟର, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବିଏମ୍‌ସି କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ୱାକାଥନରେ ସ୍ୱତନ୍ତ୍ର ବେଶ ପୋଷାକ ପରିଧାନ କରି ଲୋକମାନଙ୍କୁ ସଚେତନ କରାଇଥିଲେ। ୱାକାଥନରେ ପ୍ଲା-କାର୍ଡ ପ୍ରଦର୍ଶନ, ସ୍ଲୋଗାନ ଓ ଭୋଟର ଜାଗରଣ ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଆଇନଜୀବୀଙ୍କ କୃତଜ୍ଞତା

ଭୁବନେଶ୍ୱର, ୨୦।୪(ସମିସ): ନିଖିଳ ଓଡ଼ିଶା ଆଇନଜୀବୀ ସଂଘର କାର୍ଯ୍ୟକାରୀ ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ସଙ୍ଘର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀଠାରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୨ତମ ବାର୍ଷିକ ଅଧିବେଶନ ସମୟରେ ଓଡ଼ିଶାର ସମସ୍ତ ଓକିଲ ଭାଇଭଉଣୀଙ୍କ ଉନ୍ନତି ନିମନ୍ତେ ଆଇନଜୀବୀ ମଙ୍ଗଳ ପାଣ୍ଠିକୁ ଅନୁଦାନ ସ୍ୱରୂପ ପୂର୍ବରୁ ରାଜ୍ୟ ସରକାର ପ୍ରଦାନ କରୁଥିବା ୫ କୋଟି ବାର୍ଷିକ ରାଶିକୁ ୧୦ କୋଟିକୁ ବୃଦ୍ଧି କରିଥିବା ଯୋଗୁଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସମସ୍ତ କର୍ମକର୍ତ୍ତା ତଥା ଓକିଲସଂଘଙ୍କ ନବନିର୍ବାଚିତ ପ୍ରତିନିଧି ଓ ଉପସ୍ଥିତ ଆଇନଜୀବୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବାସହ ଆଭାରୀ ପ୍ରକଟ କରିଥିଲେ। ବୈଠକ ସମାପ୍ତି ପରେ ଶତାଧିକ ଆଇନଜୀବୀ, ନବ ନିର୍ବାଚିତ ପ୍ରତିନିଧି ତଥା ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭ୍ୟ, ସଙ୍ଘର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଓଡ଼ିଶା ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଅଖିଳ ଭାରତୀୟ ଆଇନଜୀବୀ ପରିଷଦ ସଭ୍ୟ ଭକ୍ତଭୂଷଣ ବାରିକ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସହ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମିଶ୍ର, ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ନନ୍ଦନନ୍ଦନ ଶତପଥି, ଉପସଭାପତି ଦିଲ୍ଲୀପ କୁମାର ଦାସ, ଭୂପେଶ ଚନ୍ଦ୍ର ପ୍ରଧାନ, ପ୍ରଶାସନିକ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓକିଲସଂଘ ନବ ନିର୍ବାଚିତ ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାସ, ଭୁବନେଶ୍ୱର ଓକିଲସଂଘର ସଭାପତି କୁନ୍ଦନ ରଥ, ସମ୍ବଲପୁର ଓକିଲସଂଘ ସଭାପତି ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ପଣ୍ଡା, ଅନୁଗୋଳ ଓକିଲସଂଘ ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ସଫଳ ରୂପାୟନ ଲାଭ କରିବା ନିଷ୍ପତ୍ତି ନେଇଥିଲେ।





# ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା

# ଅସୁରକିଆରିଠାରେ ଅଟକିଲା ରଥ

## ଆଜି ଅପରାହ୍ଣରୁ ପୁନର୍ବାର ରଥଟଣା ● ଗ୍ରୀଷ୍ମ ପ୍ରବାହ ଯୋଗୁଁ ରଥଟଣାରେ ବିଳମ୍ବ

ଭୁବନେଶ୍ୱର, ୨୦।୪ (ସମିସ):

ଏକାମ୍ରକ୍ଷେତ୍ରର କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଲିଙ୍ଗରାଜ ପବିତ୍ର ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାବେଳେ ଆଜି ଅଧାବାଟରେ ଅର୍ଥାତ୍ ଅସୁରକିଆରିଠାରେ ଅଟକି ରହିଛନ୍ତି। ରବିବାର ସାଢ଼େ ୩ଟାରେ ରଥଟଣା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅଶୋକାଷ୍ଟମୀ ତିଥିରେ ମହାପ୍ରଭୁ ଲିଙ୍ଗରାଜ ତାଙ୍କ ଭଉଣୀ ମା' ରୁକ୍ମଣୀ ଓ ପ୍ରଭୁ ଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ରୁକୁଣା ରଥରେ ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଶନିବାର ଥିଲା ବାହୁଡ଼ା ଯାତ୍ରା। ତେଣୁ ବିଧି ଓ ପରମ୍ପରା ଅନୁସାରେ ଶ୍ରୀଜିଉଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ ପାଇଁ ସ୍ୱତନ୍ତ୍ର ନୀତି କରାଯାଇଥିଲା। ଶନିବାର ଭୋର୍ ୫ଟାରେ ମଙ୍ଗଳ ଆଳତି, ଭୋର୍ ସାଢ଼େ ୫ଟାରୁ ସକାଳ ସାଢ଼େ ୭ଟା ପର୍ଯ୍ୟନ୍ତ ସାହାଣ ମେଲା ଦର୍ଶନ ହୋଇଥିଲା।

ଏହା ପରେ ରୁକୁଣା ରଥରେ ଚାରି ଘୋଡ଼ା ଲାଗିବା ସହ ଚାରମାଳ ବନ୍ଧା ଯାଇଥିଲା। ଅପରାହ୍ଣ ସାଢ଼େ ୧ଟା ପରେ ଅଧର ପଣା ନୀତି ଅନୁଷ୍ଠିତ ହୋଇଥିଲା। ତେବେ ଅସହ୍ୟ ଖରା ଯୋଗୁଁ ପାଳିଆ ସେବାୟତମାନେ କେହି ଆସିପାରି ନ ଥିଲେ। ତେଣୁ ଅପରାହ୍ଣ ୩ଟା ୨୦ରେ ଶ୍ରୀଜିଉଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇଥିଲା। ପାଖପାଖି ୩ଟା ୪୦ମିନିଟ୍‌ରେ ଶ୍ରୀଜିଉ ରଥାରୂଢ଼ ହୋଇଥିଲେ। ଏହାପରେ ରଥରେ ଠାକୁରଙ୍କୁ ପୂଜା କରାଯାଇଥିଲା। ଚାରମାଳ ଖୋଲାଯାଇ ଅପରାହ୍ଣ ୪ଟା ୩୫ମିନିଟ୍‌ରେ ରଥ ଟଣା ଆରମ୍ଭ ହୋଇଥିଲା।



ଅସୁର କିଆ।ରୀ ପୂର୍ବରୁ ରଥ ବାମପାର୍ଶ୍ୱର ଆଗ ଚକ ଦବି ଯାଇଥିଲା। ପ୍ରାୟ ଅଧ ଘଣ୍ଟାଏ କାଳ ମହାରଣା ସେବାୟତ ଓ ଖରୁଡ଼ା ସେବାୟତଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ରଥ ରାସ୍ତାକୁ ଆସିପାରିଥିଲା। ହର୍ ହର୍ ମହାଦେବ, ଜୟ ଶ୍ରୀଲିଙ୍ଗରାଜ, ଓଁ ନମଃ ଶିବାୟ, ହରିବୋଲ, ହୁଳହୁଳି ଶବ୍ଦରେ ଗଗନପବନ ପ୍ରକମ୍ପିତ ହୋଇଥିଲା। ସମର୍ଥୀଙ୍କ ଘଣ୍ଟ ଧ୍ୱନି ରଥଦାଣ୍ଡକୁ ପ୍ରକମ୍ପିତ କରିଥିଲା। ଆନନ୍ଦ ଉଲ୍ଲାସରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଇଥିଲେ। ତେବେ ଅସୁରକିଆରିଠାରେ ଭୋଗ କରାଯାଇଥିଲା ଏବଂ ସେଠାରେ ସୂର୍ଯ୍ୟାସ୍ତ ହୋଇଯିବାରୁ ପ୍ରାୟ ୬ଟା ୧୦ରେ ରଥଟଣା ବନ୍ଦ ରହିଥିଲା।

# ବାଳିଅନ୍ତା ପୁଲିସ ଖୋଲିଲା ଜଳଛତ୍ର




ବାଳିଅନ୍ତା, ୨୦।୪ (ସମିସ): କମିସନରେଟ୍ ପୁଲିସ ବ୍ୟବସ୍ଥା ଅଧୀନ ବାଳିଅନ୍ତା ଥାନା ପୁଲିସ ପକ୍ଷରୁ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶନିବାର ଜଳଛତ୍ର ଖୋଲାଯାଇଛି। ବାଳିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏହା ଖୋଲାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଳିଅନ୍ତା ଥାନାରେ କାର୍ଯ୍ୟରତ ସମସ୍ତ ଏସ୍‌ଆଇ, ଏଏସ୍‌ଆଇ, ଗୃହରକ୍ଷୀ ବାହିନୀ ଏବଂ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ପୁରୁଣା ଜଗନ୍ନାଥ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଏବଂ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ତୃଷାର୍ତ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜଳଛତ୍ର ଖୋଲିଛି। ତାତି କମିବା ପର୍ଯ୍ୟନ୍ତ ଥାନା ପ୍ରବେଶ ପଥ ମୁଖ୍ୟ ଫାଟକ ନିକଟରେ ଖୋଲିଥିବା ଏହି ଜଳଛତ୍ରରେ ପ୍ରତିଦିନ ଦହି ଏବଂ ଲେମ୍ବୁ ମିଶ୍ରିତ ଥଣ୍ଡା ପାଣି ଯୋଗାଇ ଦିଆଯିବ।

# ଜଳସେବା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୪(ସମିସ): ସହରରେ ତାପମାତ୍ରା ବଢ଼ିବା ସହିତ ପ୍ରବଳ ଗରମ ଅନୁଭୂତ ହେଉଛି। ପଥଚାରୀଙ୍କୁ ସେବା ଯୋଗାଇବା ପାଇଁ ଭାରତୀୟ ରେଡକ୍ରସ୍ ସୋସାଇଟି, ପୁଲିସ କମିସନରେଟ୍ ଆଞ୍ଚଳିକ ଶାଖା ପକ୍ଷରୁ ଶନିବାର କ୍ୟାପିଟାଲ ଥାନା ଓ ଖାରବେଳ ନଗର ଥାନା ସମ୍ମୁଖରେ ଦୁଇଟି ଜଳସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଜଳସେବା ଶିବିରକୁ ପୁଲିସ କମିସନରେଟ୍ ରେଡକ୍ରସ୍‌ର ଅଧ୍ୟକ୍ଷ ତଥା ପୁଲିସ କମିସନର ସଞ୍ଜୀବ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ପୁଲିସ କମିସନରେଟ୍ ରେଡକ୍ରସ୍‌ର ଯୁଗ୍ମ ସମ୍ପାଦକ ଡିସି ଲଳିତେନ୍ଦୁ ମହାନ୍ତି, ଜୋନ୍-୧ ଏସିପି ଶୁଭ୍ରକାନ୍ତ ମୁଦୁଲି, ରେଡକ୍ରସ୍‌ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦିଲ୍ଲୀପ



ଦାଶଶର୍ମା, ରୁଷି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଦହି ସରବତ୍ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ଥାନା ଓ ଖାରବେଳ ନଗର ଥାନାର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# କେଦାରନାଥଙ୍କ ଶ୍ରାଦ୍ଧୋତ୍ସବରେ 'ଏକାମ୍ର ସମ୍ମାନ'



ଭୁବନେଶ୍ୱର, ୨୦।୪ (ସମିସ): ପ୍ରତ୍ନତତ୍ତ୍ୱବିତ୍ ତଥା ଅନନ୍ୟ ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୩ ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର, ବିଶିଷ୍ଟ ଐତିହାସିକ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ବରିଷ୍ଠ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ନିର୍ମଳ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର, ପ୍ରଫେସର ମଥୁରେନ୍ଦ୍ର ପୃଷ୍ଟିଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରତିଷ୍ଠାନର ମୁଖପତ୍ର 'ଉତ୍କଳୀୟ ସଂସ୍କୃତି'ର ବ୍ୟାକରଣ ବିଶେଷାଙ୍କ ଓ ପ୍ରଫେସର ମଥୁରେନ୍ଦ୍ର ପୃଷ୍ଟିଙ୍କ ଗବେଷଣା ମୂଳକ ପୁସ୍ତକ 'ଯକ୍ଷ ଉପାସନା' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

# ଫାର୍ମାସିଷ୍ଟ ଓ ଲାବୋରଟୋରି ଟେକ୍‌ନିସିଆନଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୦।୪(ସମିସ): ଶ୍ରମ ଓ ଇଏସ୍‌ଆଇ ବିଭାଗ ଦ୍ୱାରା ରାଜ୍ୟରେ ଅବସ୍ଥାପିତ କର୍ମଚାରୀ ରାଜ୍ୟ ବୀମା ଯୋଜନା ଡାକ୍ତରଖାନାଗୁଡ଼ିକରେ କାର୍ଯ୍ୟରତ ଫାର୍ମାସିଷ୍ଟ ଓ ଲାବୋରଟୋରି ଟେକ୍‌ନିସିଆନଙ୍କ ପାଇଁ ଦ୍ୱି' ଦିବସୀୟ ତାଲିମ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ



ମୁଖ୍ୟଅତିଥି ଭାବେ ସଂସ୍ଥାନ ଉପାଧ୍ୟକ୍ଷ ଏବଂ ଶ୍ରମ ବିଭାଗ କମିଶନର ତଥା ଶାସନ ସଚିବ ଆର. ଏସ୍ ଗୋପାଳନ, ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତି ରଞ୍ଜନ ସେନ୍ ଯୋଗ ଦେଇଥିଲେ। କର୍ମଶାଳାରେ ୩୬ ଫାର୍ମାସିଷ୍ଟ ଓ ଲାବୋରଟୋରି ଟେକ୍‌ନିସିଆନ ଯୋଗ ଦେଇଥିଲେ। ତାଲିମରେ କୃତକାର୍ଯ୍ୟ ହୋଇଥିବା ଫାର୍ମାସିଷ୍ଟ ଓ ଲାବୋରେଟୋରି ଟେକ୍‌ନିସିଆନମାନଙ୍କୁ ପ୍ରମାଣପତ୍ର ଓ ଗ୍ରୁପ ଫଟୋଗ୍ରାଫ୍ ପ୍ରଦାନ କରାଯାଇଥିଲା। ଶେଷରେ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଜଗତ ଜୀବନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୦।୪(ସମିସ): 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ର ସମିତିର କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଗଣ ଯୋଗଦେଇ ପ୍ରକାଶକରି କହିଲେ ଯେ ମଧୁବାବୁ କୃଷି, ଗ୍ରାମ୍ୟ ଶିଳ୍ପ ଓ ଚରଖାକୁ ପ୍ରାଧାନ୍ୟ ଦେଇଥିବାରୁ ମହାତ୍ମା ଗାନ୍ଧୀ ତାଙ୍କୁ ଦ୍ୱିତୀୟ ଟଲଷ୍ଟୟ ଭାବେ ମାନୁଥିଲେ। ମଧୁବାବୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ମଧ୍ୟ ତାଙ୍କ ପାଇଁ ବଡ଼ ଧର୍ମ ଥିଲା ମାନବ ଧର୍ମ ଓ ତାଙ୍କର ଆଧ୍ୟାତ୍ମିକ ଜନନୀ ଥିଲେ ଉତ୍କଳ ଜନନୀ। ତାଙ୍କ ପାଇଁ ଉତ୍କଳର ଆରାଧ ଦେବତା ଥିଲେ ପ୍ରଭୁ ଜଗନ୍ନାଥ ଓ ସେଥିପାଇଁ ସେ ବ୍ରିଟିଶ୍ ସରକାରଙ୍କର ସହ ଲଢ଼ି ରାଜପରମ୍ପରାକୁ ଶ୍ରୀଜଗନ୍ନାଥ ମନ୍ଦିରରେ ପୁନଃ ପ୍ରଚଳନ କରିଥିଲେ। ଏହି ସଭାରେ 'ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ'ର ପ୍ରତିଷ୍ଠାତା ପର୍ଶୁରାମ ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। 'ଓଡ଼ିଶା ଲେଖକ ସମବାୟ ସମିତି'ର ଉପ-ସଭାପତି ଡ. ପ୍ରେମଲତା ଦେବୀ, ଗବେଷକ ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଲେଖିକା ଆରତି କର, ଗୋଧୂଳିର ସମ୍ପାଦିକା ବିମଳା ସିଂହ, ପ୍ରଭାତ କୁମାର ନନ୍ଦ, ପ୍ରଦୀପ୍ତ କୁମାର ବିଶ୍ୱାଳ, ରାମ ନାରାୟଣ ମିଶ୍ର, ହୃଷୀକେଶ ସେଠୀ, ନିଶାକର ରାଉତ, ସୁଧନ୍ଦ୍ର ନାରାୟଣ ପତି, ଦୀପ୍ତିରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ଶ୍ରୀବାସ ପ୍ରସାଦ ମହାପାତ୍ର ଓ ଅଲେଖ ଚନ୍ଦ୍ର ମିଶ୍ର ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରୁ ଓଡ଼ିଶା ଲେଖକ ସମବାୟ ସମିତିର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅଜୟ କୁମାର ମହାନ୍ତିଙ୍କ ସମ୍ପାଦନାରେ ତ୍ରିମାସିକ ପତ୍ରିକା 'ଦିଗ୍‌ବଳୟ' ଉନ୍ମୋଚିତ ହୋଇଥିଲା। ରାମନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ପ୍ରତିଯୋଗିତାଭିତ୍ତିକ ପ୍ରତିଭା ପ୍ରଦର୍ଶନ

ଭୁବନେଶ୍ୱର, ୨୦।୪(ସମିସ): ଇଟିକିଲି ମିଟିକିଲର ୨୮ ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାଭିତ୍ତିକ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ କାର୍ଯ୍ୟକ୍ରମ ଚିତ୍ରାଙ୍କନ ପ୍ରତିଯୋଗିତା ଆଗାମୀ ମଇ ମାସ ୧୯ ତାରିଖ ରବିବାର ସକାଳବେଳା ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ଠାରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ- ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ସମ୍ବାଦପାଠ, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ, କଣ୍ଠ ସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ, ନୃତ୍ୟର ବିଶେଷ କାର୍ଯ୍ୟକ୍ରମ ନାଦମ୍ବିକା ଓ ପ୍ରତିଯୋଗୀମାନଙ୍କ ପିତା-ମାତାଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଇତ୍ୟାଦି ପ୍ରତିଯୋଗିତା ଆଗାମୀ ମଇ ୨୩, ୨୪ ଓ ୨୬ ତାରିଖ ତିନିଦିନ ଭୁବନେଶ୍ୱର ରସୁଲଗଡ଼ ଛକ ନିକଟବର୍ତ୍ତୀ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଡିଟୋରିଅମ୍‌ଠାରେ ଅନୁଷ୍ଠିତ ହେବ।

ଏଥିରେ ଭାଗ ନେବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଧାର୍ଯ୍ୟ ପ୍ରବେଶିକା ଦେୟ ସହ ୧୫ଦିନ ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ। ପୁରସ୍କାର ବିତରଣ ଉତ୍ସବ ଜୁନ୍‌୨୩ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ମୋବାଇଲ୍ ନମ୍ବର- ୭୯୭୮୬୯୭୬୨୨ ଅଥବା ଇନ୍‌ଫୋସିଟି ଏରିଆ, ଭୁବନେଶ୍ୱର-୨୪ସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁଷ୍ଠାନର ସଭାପତି ଦାଶ ବେନହୁର ଓ ସଚିବ ଶରତ କୁମାର ନାୟକ ନିବେଦନ କରିଛନ୍ତି।

# 'କବି ଚିନ୍ତାମଣି ଥିଲେ ଜାତୀୟ ଜୀବନର ମୁଖପାତ୍ର'



## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୦।୪(ସମିସ): କବି ଚିନ୍ତାମଣି ମହାନ୍ତି ଥିଲେ ଜାତୀୟ ଜୀବନର ଏକ ପ୍ରମୁଖ ମୁଖପାତ୍ର। ତାଙ୍କର ରଚିତ ଅନେକ ଗୀତି କବିତା ଆଜି ବି ଜାଗରଣ ସଙ୍ଗୀତ ଭାବେ ଲୋକମୁଖରେ ଗାନ କରାଯାଏ। ସେ ଜାତୀୟତାବାଦୀ ତଥା ଦେଶାତ୍ମବୋଧ କବିତା ଲେଖି ଚାରଣ କବି ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି ବୋଲି ଶନିବାର ୧୨୭ତମ ଜନ୍ମତିଥି ପାଳନ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଭବନ ସମ୍ମୁଖ କବିଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ସ୍ମୃତି ସମାରୋହର ଆବାହକ ଅକ୍ଷୟ ଜେଠୀ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଜୟ ସାହୁ, ଅମିତ୍ ପାତାଳ ସିଂ, ଦେବପ୍ରସାଦ ମହାପାତ୍ର, ରମେଶ ଚନ୍ଦ୍ର ପାତାଳସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଦିବ୍ୟଦିଗନ୍ତ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୦।୪(ସମିସ): ସାମାଜିକ ଅନୁଷ୍ଠାନ ଦିବ୍ୟଦିଗନ୍ତର ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଚିତ୍ତ ରଞ୍ଜନ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. କଳ୍ପନା ଦାସ, ଡ. ଜୟଶ୍ରୀ ମହାପାତ୍ର, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ପୁଲିନ କୁମାର ସାହୁ, ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳ, ସହ ପ୍ରତିଷ୍ଠାତା ଜୟ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଆଜୀବନ ସଦସ୍ୟ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖରାଠାରୁ ବଳିଯାଉଛି ଆର୍ଥିକ ଯନ୍ତ୍ରଣା

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବି ଗ୍ରାହକଙ୍କ ପାଖରେ ଖାଦ୍ୟ ପହଞ୍ଚାଉଛନ୍ତି ଡେଲିଭରୀ ବୟ

ଭୁବନେଶ୍ୱର, ୨୦।୪(ସମିସ):

ଆରମ୍ଭ ହୋଇଛି ଗ୍ରୀଷ୍ମ ପ୍ରବାହ। ହେଲେ ଖରାକୁ ଖାତିର ନକରି କାମରେ ଲାଗିରହୁଛନ୍ତି ଫୁଡ୍ ଡେଲିଭରୀ ବୟ। ଟାଇଁ ଟାଇଁ ଖରାରେ ଗ୍ରାହକଙ୍କ ନିକଟରେ ଖାଦ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ପହଞ୍ଚାଉଛନ୍ତି। ଯେଉଁ ସମୟରେ ସର୍ବାଧିକ ପାରଦ ସ୍ତର ରହିଥାଏ ସେହି ସମୟରେ ଗଳିକନ୍ଦି ବୁଲି ଠିକଣା ଜାଗାରେ ପହଞ୍ଚିବା ସେମାନଙ୍କ ଲକ୍ଷ୍ୟ ଥାଏ। କିଏ ପରିବାର ଚଳାଇବାକୁ ଏଭଳି କଷ୍ଟ କରୁଛନ୍ତି କିଏ ପାର୍ଟଟାଇମ୍‌ରେ ଏହି କାମ କରି ନିଜର ଖର୍ଚ୍ଚ ଉଠାଉଛନ୍ତି। ଅଧିକାଂଶ କଲେଜ ପଢୁଆ ପିଲା ଖାଦ୍ୟ ଡେଲିଭରୀ କରି ନିଜର ପଢ଼ା ଖର୍ଚ୍ଚ ତୁଲାଉଥିବା ମଧ୍ୟ ଦେଖିବାକୁ ମିଳିଛି। ହୋଟେଲ ମାଲିକଙ୍କ ଦୁର୍ବ୍ୟବହାର, ଗ୍ରାହକଙ୍କ ଅଭିଯୋଗ ପରେ ଅଭିଯୋଗକୁ ଚୁପଚାପ୍ ସହି ଯାଇ ପେନାଲ୍‌ଟି ମଧ୍ୟ ଦେବାକୁ ପଡ଼ିଥାଏ। ତଥାପି ଏମାନେ ନାଚାର। କାରଣ ବୁକିଂ ନଆସିଲେ ଟଙ୍କା ମିଳିବନି।

ସକାଳ ୮ଟା ବାଜିଲେ ରାଜଧାନୀର ବିଭିନ୍ନ ରେଷ୍ଟୋରାଁ, ହୋଟେଲ ଓ ବଡ଼ ବଡ଼ ସପିଂ ମଲ୍‌ରେ ରହିଥିବା ଫୁଡ୍‌କୋର୍ଟଗୁଡ଼ିକରୁ ଖାଦ୍ୟ ଡେଲିଭରୀ ଆରମ୍ଭ ହୋଇଯାଏ। ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ, ସ୍ନାକ୍ସ, ମୃଦୁପାନୀୟ ମଧ୍ୟ ଘରେ ବସି ଅନେକ ଗ୍ରାହକ ଅନଲାଇନ୍ ମାଧ୍ୟରେ ଅର୍ଡର କରିଥାନ୍ତି। ସମୟର ସଦୁପଯୋଗ ହେଉ ଅବା ସ୍ୱାସ୍ଥ୍ୟ ଜନିତ ସମସ୍ୟା କିମ୍ବା ବିଳାସପୂର୍ଣ୍ଣ ଜୀବନ ବିତାଉଥିବା ଅଧିକାଂଶ ଲୋକେ ନିମୟିତ ସ୍ୱିଗି, ଜମାଟୋ ଭଳି ଅନଲାଇନ୍ ଫୁଡ ଡେଲିଭରୀ ଆପ୍‌ରୁ ଖାଦ୍ୟ ଅର୍ଡର କରିଥାନ୍ତି। କେବଳ ଖାଦ୍ୟ ନୁହେଁ ଲୁଗାପଟା ଠାରୁ ଆରମ୍ଭ କରି ପନିପରିବା, ମାଛ, ମାଂସ ହାତ ପାହାନ୍ତାରେ ପହଞ୍ଚାଇଥାନ୍ତି ଡେଲିଭରୀ ବୟ। ଏହାସହ ବନ୍ଧୁବାନ୍ଧବ କିମ୍ବା ସମ୍ପର୍କୀୟଙ୍କ ଘରେ ରୋଷେଇ ହୋଇଥିବା ଖାଦ୍ୟ ମଧ୍ୟ ସ୍ୱିଗି ଜେନି ଆପ୍ ମାଧ୍ୟମରେ ଅନ୍ୟ ଜଣଙ୍କ ଘରେ ପହଞ୍ଚାଯାଇ ପାରୁଛି। ଗ୍ରୀଷ୍ମ ପ୍ରବାହ ବଢୁଥିବାବେଳେ ଲୋକେ ଘରୁ ବାହାରିପାରୁ ନାହାନ୍ତି। ତେବେ ଏହି ସମୟରେ ଫୁଡ୍ ଡେଲିଭରୀ ବୟ ବୁଲି ବୁଲି ଖାଦ୍ୟ ପହଞ୍ଚାଉଛନ୍ତି। ପ୍ରତିଦିନ ରସୁଲଗଡ଼ ଓଭରବ୍ରିଜ୍, କଳ୍ପନା ଛକ, ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିଆ ସମେତ ବହୁ ହୋଟେଲ ଓ ରେଷ୍ଟୋରାଁ ନିକଟରେ ବୁକିଂ ପାଇଁ ଅପେକ୍ଷା କରିଥାନ୍ତି ଏମାନେ। ବୁକିଂ ଆସିଲା ମାତ୍ରେ ତୁରନ୍ତ ଗ୍ରାହକଙ୍କ ନିକଟରେ ଖାଦ୍ୟ ପହଞ୍ଚାଇଥାନ୍ତି। ଅନ୍ୟର ଖାଦ୍ୟକୁ ସୁରକ୍ଷିତ ଭାବେ ପହଞ୍ଚାଉଥିବା ବେଳେ ଟିକିଏ ସମୟ ପାଇଲେ ରାସ୍ତାକଡ଼ରେ ଛିଡ଼ାହୋଇ ନିଜ ଟିଫିନ୍ ଖାଇଥାନ୍ତି। ପରିବାରର ପରିସ୍ଥିତି କଥା ଭାବିଦେଲେ ଖରାର ପ୍ରକୋପ ବି ଜଣାପଡୁ ନ ଥିବା କହିଛନ୍ତି ଫୁଡ୍ ଡେଲିଭରୀ ବୟ ପ୍ରକାଶ ବେହେରା। ପୂର୍ବରୁ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣେ ଯୁବକ ବାପାଙ୍କ ମୁଖ ଗହ୍ୱର କର୍କଟ ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ତୁଲାଇବାକୁ ଖରାର ଦାଉକୁ ଖାତିର ନକରି ଏହି କାର୍ଯ୍ୟ କରୁଥିବା କହିଛନ୍ତି। ସେହିପରି +୩ରେ ପଢୁଥିବା ଆଶିଷ କୁମାର ମହାନ୍ତି ମଧ୍ୟ ପଢ଼ାଖର୍ଚ୍ଚ ତୁଲାଇବାକୁ ପାର୍ଟ ଟାଇମ୍‌ରେ ଖାଦ୍ୟ ଡେଲିଭରୀ କରୁଥିବା କହିଛନ୍ତି।



